ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୧୫ ଜାନୁୟାରୀ, ୨୦୨୨



## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବାଲିପାଟଣା,(ଡି.ଏନ୍.ଏ.): ବାଲିପାଟଣା ଥାନା ଅଞ୍ଚଳରେ ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ନାବାଳିକା ଜଣକ ନଳକୂପ ନିକଟରେ ଗାଧୋଉଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକ ସେଠାରେ ପହଞ୍ଚିଥିଲେ। ପରେ ଯୁବକ ଜଣଙ୍କ ନାବାଳିକାଙ୍କୁ ପାଇଖାନା ଘରକୁ ଡାକିନେଇ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟଜଣେ ଅଭିଯୁକ୍ତ ଜଣଙ୍କ ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଉତ୍ତର ପୁରୁଷ ନାଟକ ଉତ୍ସବରେ ସବୁଠୁ ଉଦାସ୍ କବିତା ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଅର୍ଥ ହେରଫେର ଅଭିଯୋଗରେ ୪ଗିରଫ

ଭୁବନେଶ୍ୱର,୧୪।୧(ବ୍ୟୁରୋ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ନାରାୟଣୀ ମୋଟର୍ସ ପ୍ରାଇଭେଟ ଲିମିଟେଡ୍‌ରେ କାର୍ଯ୍ୟରତ ୪ କର୍ମଚାରୀ ଆର୍ଥିକ ଅନିୟମିତତା ଅଭିଯୋଗରେ ଗିରଫ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ଜଗନ୍ନାଥ ନଗର ଲେନ୍-୧ରେ ରହୁଥିବା ଦୀପକ କୁମାର ରାଉତ(୨୮), ଲିଙ୍ଗରାଜ ଥାନା ଅନ୍ତର୍ଗତ ଓଲ୍ଡ ଟାଉନରେ ରହୁଥିବା ଗଣେଶ୍ୱର ପ୍ରଧାନ((୪୬), ଏ.ଜଗଦୀଶ ଆଚାର୍ଯ୍ୟ(୪୬) ଏବଂ ସନ୍ତୋଷ କୁମାର ବେହେରା(୩୫)। କଟକ ଜିଲା ବାଙ୍କୀ ଅଞ୍ଚଳର ଦୀପକ ଏବଂ ସନ୍ତୋଷ ଭୁବନେଶ୍ୱରରେ ରହି ନାରାୟଣୀ ମୋଟର୍ସରେ ଆକାଉଣ୍ଟାଣ୍ଟ ଏବଂ କ୍ୟାଶିୟର ଭାବେ କାମ କରୁଥିଲେ। ଗତ ୧୦ତାରିଖରେ ନାରାୟଣୀ ମୋଟର୍ସର କ୍ୟାଶ ଏବଂ କ୍ୟାଶ ବୁକ୍ ଯାଞ୍ଚ ସମୟରେ ଅଭିଯୁକ୍ତମାନେ ୪,୪୮,୫୫୧ଟଙ୍କା ହେରଫେର କରିଥିବା ଜଣାପଡ଼ିଥିଲା। ଏନେଇ ନାରାୟଣୀ ମୋଟର୍ସର ଜେନେରାଲ ମ୍ୟାନେଜର ମହମ୍ମଦ ସାଦିକ ଅଖ୍ତର ଗତ ୧୨ତାରିଖରେ ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(୧୧/୨୦୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ୩ ମୋବାଇଲ ଜବତ, ଜଣେ ଗିରଫ

ଭୁବନେଶ୍ୱର,୧୪।୧(ବ୍ୟୁରୋ): ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ମୋବାଇଲ ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସାଲିଆ ସାହି ବସ୍ତିରେ ରହୁଥିବା ଗଣେଶ ଦାସ(୧୯)। ତାଙ୍କଠାରୁ ପୋଲିସ ବିଭିନ୍ନ ବ୍ରାଣ୍ଡର ୩ଟି ସ୍ମାର୍ଟ ଫୋନ୍ ଜବତ କରିଛି। ସେମାନେ ଗତ ୧୧ତାରିଖରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ୨ଟି ମୋବାଇଲ ଚୋରି କରି ନେଇଥିଲେ। ପୋଲିସ ଘଟଣାର ୨ଦିନ ପରେ ଏକ ମାମଲା(ନଂ.୨୧/୨୦୨୨) ରୁଜୁ କରି ତଦନ୍ତ କରିଥିଲା। ଶୁକ୍ରବାର ପୋଲିସ ସାଲିଆ ସାହି ମଇଳା ଟାଙ୍କି ଛକ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ଗଣେଶଙ୍କୁ ଗିରଫ କରିଥିବାବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

### ବିଳମ୍ବିତ ରାତିରେ ଖବରଦାତାଙ୍କୁ ଲୁଟିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୧୪।୧(ବ୍ୟୁରୋ): ନାଇଟ୍ କର୍ଫ୍ୟୁ ସମୟରେ ଗୁରୁବାର ବିଳମ୍ବିତ ରାତିରେ ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ଖବରଦାତା ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ ସୌମ୍ୟ ରଞ୍ଜନ ସେଠୀ। ସେ ଘରକୁ ଫେରୁଥିବାବେଳେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ତାଙ୍କ ଠାରୁ ଦୁଇଟି ମୋବାଇଲ ଏବଂ ଗୋଟିଏ ମୁଦି ଲୁଟି ନେଇଥିଲେ। ସୌମ୍ୟ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### କଳିଙ୍ଗ ପୁସ୍ତକମେଳା ପୁରସ୍କାର ବିତରଣ ଉତ୍ସବ ସ୍ଥଗିତ

ଭୁବନେଶ୍ୱର, ୧୪।୧(ବ୍ୟୁରୋ): ୨୪ତମ କଳିଙ୍ଗ ପୁସ୍ତକ ମେଳାର ପୁରସ୍କାର ବିତରଣ ଉତ୍ସବକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଜାନୁୟାରୀ ୧୮ ତାରିଖରେ ସୂଚନାଭବନରେ ଏହି ଉତ୍ସବ ଅନୁଷ୍ଠିତ ହେବାର ଥିଲା। ତେବେ କରୋନା ସ୍ଥିତିରେ ସୁଧାର ଆସିବା ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ ନିର୍ଦ୍ଧାରିତ କରାଯିବ ବୋଲି କଳିଙ୍ଗ ପୁସ୍ତକ ମେଳା କମିଟିରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଚୟନ କରାଯାଇଥିବା ପୁସ୍ତକଗୁଡ଼ିକର ତାଲିକା ନିର୍ଦ୍ଧାରିତ ସମୟରେ ପ୍ରକାଶ କରାଯିବ ବୋଲି ସମ୍ପାଦିକା ରେଣୁକା ମିଶ୍ର ସୂଚନା ଦେଇଛନ୍ତି।

# ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିପାରେ ହସ୍ପିଟାଲ ସଂକ୍ରମଣ

## ବହୁ ଡାକ୍ତର, ନର୍ସ, କର୍ମଚାରୀ ସଂକ୍ରମିତ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସଂକ୍ରମଣବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥିଲା। ବିଶେଷକରି ହସ୍ପିଟାଲରେ ସଂକ୍ରମଣ ବ୍ୟାପିବା ପରେ ଏଭଳି ସଂକଟ ସୃଷ୍ଟି ହୋଇଥିଲା। କଡ଼ା କଟକଣା ଓ ସଂକ୍ରମଣ ଭୟ ଯୋଗୁ ବହୁ ଅଣ କରୋନା ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ଆଖି ବୁଜିଥିଲେ। ଏବେ ରାଜ୍ୟରେ ଦୈନିକ ଆକ୍ରାନ୍ତ ସଂଖ୍ୟା ୧୦ହଜାରରୁ ଊର୍ଦ୍ଧ୍ୱ ରହିଥିଲେ ମଧ୍ୟ ସେପରି ସ୍ଥିତି ଉପୁଜି ନାହିଁ। କିନ୍ତୁ ବର୍ତ୍ତମାନ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ଯେଉଁଭଳି ଭାବେ ସଂକ୍ରମଣ ବ୍ୟାପୁଛି, ତାହାକୁ ଦେଖିଲେ ଆଗାମୀ ଦିନରେ ପୁଣି ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି।

ମିଳିଥିବା ସୂଚନାନୁସାରେ, କଟକ ଏସ୍‌ସିବି ମେଡିକାଲର ୪୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ ନର୍ସ, ବୁର୍ଲା ଭିମ୍‌ସାରରେ ୩୦ ଡାକ୍ତରୀ ଛାତ୍ରୀଛାତ୍ର, ୨୫ ଡାକ୍ତର ଓ ନର୍ସ, ଏମ୍ସ ଭୁବନେଶ୍ୱରର ୧୫୬ ଡାକ୍ତର, ନର୍ସ ଓ ହସ୍ପିଟାଲ କର୍ମଚାରୀ ଏବଂ କ୍ୟାପିଟାଲ ହସ୍ପିଟାଲରେ ପ୍ରାୟ ୩୦ଜଣ ଡାକ୍ତର ଓ ନର୍ସ ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ସଂସ୍ପର୍ଶରେ ଆସି ବହୁ ରୋଗୀ ମଧ୍ୟ ସଂକ୍ରମିତ ହୋଇଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେବେ ହସ୍ପିଟାଲ ସଂକ୍ରମଣର ହଟ୍‌ସ୍ପଟ ପାଲଟିବା ପୂର୍ବରୁ ରାଜ୍ୟ ସରକାର ଓ ହସ୍ପିଟାଲ କର୍ତ୍ତୃପକ୍ଷ ନିଜ ଆଡୁ ଚିକିତ୍ସା ସେବାରେ କଟକଣା ଲଗାଇଛନ୍ତି। ଏମ୍ସ ତା'ର ଆଉଟ୍‌ଡୋର୍ ପଞ୍ଜୀକରଣ ହ୍ରାସ କରିବା ସହ ଆଉ କେତେକ ଗାଇଡ୍‌ଲାଇନ୍ ଜାରି କରିଛି। ସେହିଭଳି ଅନ୍ୟ ସମସ୍ତ ହସ୍ପିଟାଲ ପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇ ପୁଣି ଟେଲିମେଡିସିନ ସେବା ଆରମ୍ଭ କରାଯାଇଛି। ହସ୍ପିଟାଲ ନ ଆସି ଅନ୍‌ଲାଇନ୍‌ରେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ହସ୍ପିଟାଲରେ କରୋନା ସଂକ୍ରମଣ ରୋକିବା ପାଇଁ ଗାଇଡ୍‌ଲାଇନ୍ ଓ କଟକଣା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଏସବୁ ସତ୍ତ୍ୱେ ରାଜଧାନୀରେ ପ୍ରାଥମିକ ଚିକିତ୍ସାଳୟଠାରୁ ଆରମ୍ଭ କରି କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ସବୁଠି କରୋନା ବ୍ୟାପିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ଥିବା ୨୩ଟି ସରକାରୀ ଚିକିତ୍ସାଳୟରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ରୋଗୀ ଚିହ୍ନଟ ହେଉଥିବାବେଳେ ଖୋଦ୍ ହସ୍ପିଟାଲ କର୍ମଚାରୀ ମଧ୍ୟ କରୋନା ସଂକ୍ରମିତ ହେଉଛନ୍ତି। ଡାକ୍ତର, ନର୍ସ ଓ କର୍ମଚାରୀମାନେ ଯେତେବେଳେ ସଂକ୍ରମିତ ହେଉଛନ୍ତି ସେତେବେଳେ ଗୁରୁତର ରୋଗୀଙ୍କୁ ଚିକିତ୍ସା କରିବା କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠୁଛି।

କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଓମିକ୍ରନ୍‌ର ପ୍ରଭାବ ଦିନକୁ ଦିନ ବଢୁଛି। ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସମୟ ସମୟ ବ୍ୟବଧାନରେ ସାନିଟାଇଜେଶନ ମଧ୍ୟ କରାଯାଉଛି। ସେହିଭଳି ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଉଦ୍ଦେଶ୍ୟରେ ସାହୁ କହିଛନ୍ତି, ଗୁରୁତର ଚିକିତ୍ସା ତଥା ଅତି ଆବଶ୍ୟକୀୟ ସ୍ଥଳେ ହିଁ ହସ୍ପିଟାଲ ଆସନ୍ତୁ। ସେ ପର୍ଯ୍ୟନ୍ତ ଯଥା ସମ୍ଭବ ଘରେ ରହି ଉପଚାର କରନ୍ତୁ। ଅତି ଆବଶ୍ୟକ ହେଲେ କରୋନା ନିୟମ ମାନି ଆସିବାକୁ ସେ କହିଛନ୍ତି।



ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ମକର ସଂକ୍ରାନ୍ତିରେ ପିଲାମାନେ ଗୁଡ଼ି ଉଡାଉଛନ୍ତି।

## କାଳଜୟୀ ଲେଖା ପାଇଁ ଫକୀରମୋହନ ସ୍ମରଣୀୟ ରହିବେ

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ଆଧୁନିକ ଓଡ଼ିଆ ଗଳ୍ପର ଜନକ ତଥା ବ୍ୟାସକବି ଫକୀରମୋହନ ସେନାପତି ତାଙ୍କର କାଳଜୟୀ ଲେଖା ପାଇଁ ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଆ ଭାଷାର ସୁରକ୍ଷା ସହ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସେ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ସେଥିପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ମତ ପ୍ରକାଶ ପାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଯୋଗଦେଇ ବ୍ୟାସକବିଙ୍କ ସାରସ୍ୱତ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ସେହିପରି ରାଜ୍ୟସ୍ତରୀୟ ବ୍ୟାସକବି ଫକୀରମୋହନ ସେନାପତି ସ୍ମୃତି ସଂସଦ, ଉତ୍କଳ ସମ୍ମିଳନୀ ଓ ଉତ୍ତର ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ (ନୋସାକା) ର କର୍ମକର୍ତ୍ତାମାନେ ଫକୀରମୋହନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମା, ନୋସାକା ଅଧ୍ୟକ୍ଷ ଗୌତମବୁଦ୍ଧ ଦାସ, ସଭାପତି ସରୋଜ ଦାଶ, ଉପସଭାପତି ବେଣୁଧର ବିଶ୍ୱାଳ, ଉପାଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀ, ରାମଜୀବନ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପରେଶ



@ ଗାୟତ୍ରୀ



@ କାଳିଆ



@ ବିଙ୍କୁ



@ ସୂର୍ଯ୍ୟକାନ୍ତ

# ୧୦ ଦିନରେ ୧୨୦ ଅଞ୍ଚଳ କଣ୍ଟେନ୍‌ମେଣ୍ଟ

ଭୁବନେଶ୍ୱର, ୧୪।୧ (ବ୍ୟୁରୋ)

ସଂକ୍ରମଣ ରୋକିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଜାନୁୟାରୀ ପହିଲାରୁ ବିଭିନ୍ନ ଅଞ୍ଚଳରେ କଣ୍ଟେନ୍‌ମେଣ୍ଟ କଟକଣା ଲଗାଇ ଆସୁଛି। ଶୁକ୍ରବାର ଆଉ ୧୧ଟି ସ୍ଥାନକୁ କଣ୍ଟେନ୍‌ମେଣ୍ଟ ଓ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରିଛି। ଏହାପୂର୍ବରୁ ୫ ତାରିଖରେ ୧୦ଟି ଅଞ୍ଚଳ, ୬ ତାରିଖରେ ୯ଟିଅଞ୍ଚଳ, ୭ରେ ୧୧ ଅଞ୍ଚଳ, ୮ ତାରିଖରେ ୨୩ ଅଞ୍ଚଳ, ୯ ତାରିଖରେ ୧୯ ଅଞ୍ଚଳ, ୧୦ ତାରିଖରେ ୧୨ ଅଞ୍ଚଳ, ୧୧ ତାରିଖରେ ୧୬ ଅଞ୍ଚଳ, ୧୨ ତାରିଖରେ ୯ ଅଞ୍ଚଳକୁ କଣ୍ଟେନମେଣ୍ଟ ଓ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଥିଲା। ୧୦ ଦିନରେ ଏହି ସଂଖ୍ୟା ୧୨୦ରେ ପହଞ୍ଚିଛି। ନୂଆ ମାଇକ୍ରୋକଣ୍ଟେନମେଣ୍ଟ ସ୍ଥାନଗୁଡ଼ିକ ହେଲା, ୟୁନିଟ-୯ର କ୍ୱାର୍ଟର ନଂ. ୱାନ୍ ଇ-୪୫/୩ ଓ ୨ଆର୍‌ଏ-୧୫, ସତ୍ୟନଗରସ୍ଥିତ ତୋଷାଳୀ ଆପାର୍ଟମେଣ୍ଟର ଫ୍ଲାଟ ନଂ.୨୦୧, ଲକ୍ଷ୍ମୀସାଗରର ପ୍ଲଟ୍ ନଂ.ଏଲ୍‌ବି ୧୦୦, ଶ୍ରୀରାମ ନଗର ପ୍ଲଟ ନଂ. ୮୧୪/୪୦୧୧ ଏବଂ ଦକ୍ଷିଣପଶ୍ଚିମ ଜୋନ୍‌ର ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ସିଭିକ୍ ସେଣ୍ଟର ରିଜିଓନାଲ ଅଫିସକୁ ମାଇକ୍ରୋ କଣ୍ଟେନମେଣ୍ଟ ଓ ନହରକଣ୍ଟା ରୋଶନ ଆପାର୍ଟମେଣ୍ଟ ଫ୍ଲାଟ୍ ନଂ.୮, ମୈତ୍ରୀ ବିହାର ବ୍ଲକ୍-୩ କୋର୍-୧ବି ଫ୍ଲାଟ ନଂ. ୫, ପଟିଆ ସମ୍ପର୍କ ବିହାର ପ୍ଲଟ୍ ନଂ.୫୬ ଓ ରେଗାଲ ଡୋଭ୍ ଆପାର୍ଟମେଣ୍ଟ ୪୦୨କୁ କଣ୍ଟେନ୍‌ମେଣ୍ଟ କରାଯାଇଛି।

## ଭୁବନେଶ୍ୱରରେ ୬,୪୯୨ ସକ୍ରିୟ ରୋଗୀ

ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ଆଉ ୧୧୪୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୫୪ଜଣ ସଙ୍ଗରୋଧରୁ ଓ ୧୦୯୪ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ତେବେ ଏହି ସମୟ ଭିତରେ ମାତ୍ର ୨୦୮ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ସହରରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧ଲକ୍ଷ ୩୦ହଜାର ୯୮୨ରେ ପହଞ୍ଚିଥିବାବେଳେ ଆରୋଗ୍ୟ ସଂଖ୍ୟା ୧ଲକ୍ଷ ୨୩ହଜାର ୩୬୬ ରହିଛି। ବର୍ତ୍ତମାନ ସହରରେ ୬ହଜାର ୪୯୨ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ରାଜଭାଷାରେ ଇ-ପତ୍ରିକା ପ୍ରକାଶନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୪।୧

ବିଶ୍ୱ ହିନ୍ଦୀ ଦିବସ ଅବସରରେ ନଗର ରାଜଭାଷା ତତ୍ତ୍ୱାବଧାନରେ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟଠାରେ ନୂତନ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ରାଜଭାଷା ପତ୍ରିକା ପ୍ରକାଶନ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକ ହିନ୍ଦୀ ଭାଷାର ପ୍ରଚାର ଓ ପ୍ରସାର ଉପରେ ପ୍ରାଧାନ୍ୟଦେଇ କହିଥିଲେ, ହିନ୍ଦୀ ଆମର ରାଜଭାଷା ଏବଂ ହିନ୍ଦୀରେ ଇ-ପତ୍ରିକାର ପ୍ରକାଶନ କରି ଆମେ ଡିଜିଟାଲ ଜ୍ଞାନର ବିସ୍ତାର କରିପାରିବୁ। ଏହି ଅବସରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବ୍ୟାଙ୍କର ସଦସ୍ୟ ସଚିବ ଏବଂ ରାଜଭାଷା ସହାୟକ ମହାପ୍ରବନ୍ଧକ ଆଲୋକ କୁମାର ଉପସ୍ଥିତ ଥିଲେ। ତାଙ୍କ ଦ୍ୱାରା ରାଜଭାଷାରେ ପତ୍ରିକା ପ୍ରକାଶନ ପାଇଁ ପ୍ରସ୍ତୁତୀକରଣ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କ ଏବଂ ବୀମା କାର୍ଯ୍ୟାଳୟରୁ ଆସିଥିବା ରାଜଭାଷା ଅଧିକାରୀମାନେ ପ୍ରଶିକ୍ଷଣର ଏହି ନୂତନ ଜ୍ଞାନକୌଶଳଗୁଡ଼ିକୁ ଜାଣିବା ଦ୍ୱାରା ଉପକୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଉପ ଆଞ୍ଚଳିକ ପ୍ରବନ୍ଧକ କମଳ ଲୋଚନ ସେଠୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରାଜଭାଷାର ବରିଷ୍ଠ ପ୍ରବନ୍ଧକ ସୋନିଆ ସାଓ୍ୱନ୍ତ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଲିଙ୍ଗରାଜ ମନ୍ଦିରରେ ମକର ବେଢ଼ା

ପୁରୁଣା ଭୁବନେଶ୍ୱର,୧୪।୧(ଡି.ଏନ୍.ଏ.)

ପବିତ୍ର ମକର ସଂକ୍ରାନ୍ତି ଅବସରରେ ଶୁକ୍ରବାର ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ମକର ବେଢ଼ା ସହ ଠାକୁରଙ୍କୁ ଘୃତ କମ୍ବଳ ଲାଗି ହୋଇଛି। ପ୍ରାତଃରୁ ମନ୍ଦିର ଖୋଲାଯାଇ ଦୈନନ୍ଦିନ ନୀତି କରାଯାଇ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ଅଧିବାସ ପୂଜା ଓ ଯାତ୍ରା ପୂଜା ବେଶ କରିଥିଲେ। ଏହାପରେ ପୂର୍ବ ଦିନରୁ ଘିଅରେ ତିଆରି କରାଯାଇଥିବା ଘୃତ କମ୍ବଳକୁ ପ୍ରଥମେ ପୂଜାପଣ୍ଡା ଓ ପରେ ବଡୁସେବକମାନେ ଲାଗି କରିଥିଲେ। ଯାତ୍ରା ପୂଜା ସମ୍ପନ୍ନ ହୋଇ ଅନ୍ୟାନ୍ୟ ନୀତି ହୋଇଥିଲା ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।

## ପ୍ରତି କ୍ଷେତ୍ରରେ ଓଡ଼ିଆଙ୍କ ପାରଦର୍ଶିତାର ପଟାନ୍ତର ନାହିଁ

■ ପ୍ରକାଶ ଶ୍ରୀଚନ୍ଦନଙ୍କୁ ପାଇକ ସମ୍ରାଟ ସମ୍ମାନ
■ ରାଜ୍ୟ ଉତ୍କଳ ପ୍ରତିଭା ଓ ସିନେ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୧୪।୧(ବ୍ୟୁରୋ)

ପ୍ରେରଣା ଓ ଖୋର୍ଦ୍ଧା ନିୟୁ ଥିଙ୍କିଙ୍ଗ ଫୋରମ ପକ୍ଷରୁ ଶୁକ୍ରବାର ଗୀତଗୋବିନ୍ଦ ସଦନରେ 'ରାଜ୍ୟ ଉତ୍କଳ ପ୍ରତିଭା' ଓ 'ସିନେ ପ୍ରତିଭା ସମ୍ମାନ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରେରଣା ସଭାପତି ଡ. ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ। ବାଚସ୍ପତି କହିଲେ, ଉତ୍କୃଷ୍ଟ କଳାର ରାଜ୍ୟ ବୋଲି ଏହାର ନାମ ଉତ୍କଳ। ଆମର ବୀରତ୍ୱ କାହାଣୀ ତଥା ପ୍ରତି କ୍ଷେତ୍ରରେ ଓଡ଼ିଆଙ୍କ ପାରଦର୍ଶିତାର ପଟାନ୍ତର ନାହିଁ। ତେଣୁ ଏ ମାଟିର କୃତୀ ସନ୍ତାନମାନଙ୍କୁ ସମ୍ମାନିତ କରାଯିବା ଅତ୍ୟନ୍ତ ଆନନ୍ଦର ବିଷୟ।

ଏହି ଅବସରରେ ଓଡ଼ିଶା ବୀର ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନଙ୍କୁ 'ପାଇକ ସମ୍ରାଟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଗଣମାଧ୍ୟମ ପ୍ରତିନିଧି ରାଧାମାଧବ ମିଶ୍ର, ଶିବାନନ୍ଦ ଦାସ, କବି ଓ କଥାକାର ଡ. ଅଜୟ ସ୍ୱାଇଁ, ପକ୍ଷୀଘର ପତ୍ରିକା ସମ୍ପାଦକ ବନୋଜ ତ୍ରିପାଠୀ, ଓଡ଼ିଶା ଯୁବ ରେଡ୍‌କ୍ରସର ରାଜ୍ୟ ଯୁବ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ୱେତା କୁମାର ଦାସ, ଅଭିନେତ୍ରୀ ନମ୍ରତା ସିଂହଦେଓ, ଲିପ୍ସା ମିଶ୍ର, ପୁଷ୍ପା ମିଶ୍ର, ମିନୁ ଶର୍ମା, ଅଭିନେତା ଶ୍ରୀତମ ଦାସ, ବବି ମିଶ୍ର ସାମାଜିକ କର୍ମୀ ସୁନୀଲ ପ୍ରଧାନ, ଅଜୟ କୁମାର ଗୁମାନସିଂ ପ୍ରମୁଖ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୨୫ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ସପ୍ତମ ବାଟାଲିୟନର କମାଣ୍ଡାଣ୍ଟ ବିଜୟ କୁମାର ସାହୁ, ହାଇଟେକ ମେଡିକାଲ କଲେଜର ପ୍ରତିଷ୍ଠାତା ତିରୁପତି ପାଣିଗ୍ରାହୀ, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ବେହେରା ଏବଂ ଫୋରମ ସଭାପତି ନରେନ୍ଦ୍ର କୁମାର ପୃଷ୍ଟି ଯୋଗଦେଇଥିଲେ।



ମକର ସଂକ୍ରାନ୍ତିରେ ଶୁକ୍ରବାର ମହାପ୍ରଭୁଙ୍କ ପାଇଁ ପୁରୀ ଉତ୍ତରପାର୍ଶ୍ୱ ମଠରେ ଫୁଲମାଳ ଓ ଭୋଗ ପ୍ରସ୍ତୁତ କରାଯାଉଛି।



ପୁରୀ ରାଧାବଲ୍ଲଭ ମଠ ପକ୍ଷରୁ ଶୁକ୍ରବାର ମହାପ୍ରଭୁଙ୍କୁ ମକର ଚାଉଳ ଭୋଗ ଅର୍ପଣ କରାଯାଉଛି ।



ଭୁବନେଶ୍ୱର ଲଳିତ କଳା ଏକାଡେମୀ ନିକଟରେ ଶୁକ୍ରବାର ତେଲୁଗୁ ସମ୍ପ୍ରଦାୟର ମହିଳା ଓ ପିଲାମାନେ ପୋଙ୍ଗଲ ପର୍ବ ପାଳନ କରୁଛନ୍ତି।

**ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କ ନାମ ଘୋଷଣା**

ଫୁଲନଖରା,(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନସ୍ଥିତ ଆମ୍ରପଲ୍ଲୀ ରିସର୍ଟଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ଯୋଗଦେଇ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ୩୩ ନମ୍ବର ଜୋନ୍ ଅଧୀନରେ ଥିବା ୮ଟି ପଞ୍ଚାୟତର ଦଳ ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀ ଓ ୭ ସରପଞ୍ଚ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରଙ୍ଗ ବ୍ଲକ ବିଜେଡି ସଭାପତି ଗୋଲେଖ ଚନ୍ଦ୍ର ପାତ୍ର, ଶଶିଭୂଷଣ ଦାଶ, ବିଜେଡି ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**କଟକ**

- ଭାରତୀୟ ବିକାଶ ପରିଷଦ ପକ୍ଷରୁ ପ୍ରତିବାଦ ସଭା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।

## ଧବଳେଶ୍ୱରଙ୍କ ମକର ବେଶ



**ଖୁଣ୍ଟୁଣୀ,୧୪ା୧(ଡି.ଏନ୍.ଏ.):** ମକର ସଂକ୍ରାନ୍ତି ଅବସରରେ ଶୁକ୍ରବାର କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ମକର ବେଶ କରାଯାଇଥିଲା। ନୀତି ପାଳିଆ ସେବକ ଉମେଶ ପତ୍ରି ଓ ରମେଶ ପତ୍ରି ଭୋର ୪ଟାରେ ଠାକୁରଙ୍କ ପହୁଡ଼ ଖୋଲି ସ୍ନାନ, ମଙ୍ଗଳ ଆଳତି ଓ ବେଶ କରିଥିଲେ। ପ୍ରାତଃ ଧୂପରେ ଖେଚୁଡ଼ି ଓ ମଧାହ୍ନ ଧୂପରେ ସଞ୍ଜୁଡି ଭୋଗ ଲାଗି କରିଥିଲେ। ଏଥିସହ ଠାକୁରଙ୍କ ପାଖରେ ମକର ଚାଉଳ ଭୋଗ କରାଯାଇଥିଲା। ମଧାହ୍ନ ସାଢ଼େ ୧ଟାରେ ଧବଳେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ସୁସଜ୍ଜିତ ବିମାନରେ ବେଢ଼ା ପରିକ୍ରମା କରିଥିଲେ। କରୋନାରୁ ରକ୍ଷା ପାଇବା ସହ ବିଶ୍ୱର ମଙ୍ଗଳ କାମନା କରି ସେବକମାନେ ଧବଳେଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ ବୋଲି ପୂଜକ ସମିତି ସଭାପତି ବିଷ୍ଣୁଚରଣ ପତ୍ରି ସୂଚନା ଦେଇଛନ୍ତି।

## କୋଭିଡ୍ ମୁକାବିଲା ପାଇଁ ଏସ୍‌ସିବି ପ୍ରସ୍ତୁତ

**କଟକ ଅଫିସ,୧୪ା୧:** କୋଭିଡ୍ ମୁକାବିଲା ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ୬୦୦ ବେଡ୍ ମହଜୁଦ ସହ ୧୪୦ ଆଇସିୟୁ ପ୍ରସ୍ତୁତ ରହିଛି। ଏବେ ୧୦୭ କୋଭିଡ୍ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। କରୋନାରେ ଆକ୍ରାନ୍ତ କିଡ୍‌ନୀ ରୋଗୀଙ୍କୁ ଡାଏଲିସିସ୍ ସୁବିଧା ଯୋଗାଇ ଦିଆଯାଉଛି । ସର୍ଜରି ୱାର୍ଡରେ ମଧ ସେମାନଙ୍କର ସ୍ୱତନ୍ତ୍ର ସର୍ଜରି କରାଯାଉଛି। ଚଳିତ ଲହରରେ କେତେଜଣ ଡାକ୍ତର ପ୍ରଭାବିତ ହୋଇଥିଲେ। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଓପିଡିକୁ ପ୍ରତିଦିନ ୧୪୦ରୁ ୧୮୦ ରୋଗୀ ଆସୁଛନ୍ତି। ତେବେ ନିହାତି ଦରକାର ଥିଲେ ହସ୍ପିଟାଲ ଆସନ୍ତୁ ବୋଲି ଶୁକ୍ରବାର ଏସ୍‌ସିବିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରିନ୍ସିପାଲ ଡା. ଦଣ୍ଡେଶ୍ୱର ହୋତା ଓ ସୁପରିଣ୍ଟେଣ୍ଡେଣ୍ଟ ଡା. ଲୁସି ଦାସ ସୂଚନା ଦେଇଛନ୍ତି ।

## ୧୯ରେ ମେଡିକାଲ ଆଣ୍ଡ ସେଲ୍ସ ରିପ୍ରେଜେଣ୍ଟେଟିଭ୍ସଙ୍କ ଧର୍ମଘଟ

**କଟକ ଅଫିସ,୧୪ା୧:** ଫେଡେରେଶନ ଅଫ୍ ମେଡିକାଲ ଆଣ୍ଡ୍ ସେଲ୍ସ ରିପ୍ରେଜେଣ୍ଟେଟିଭ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଆସନ୍ତା ୧୯ ତାରିଖରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ବିଶେଷକରି ଔଷଧର ଦର କମାଇବା, ଔଷଧ ଉପରୁ ଜିଏସ୍‌ଟି ହଟାଇବା, ଚାକିରି ନିରାପତ୍ତା ଓ ସର୍ବନିମ୍ନ ମଜୁରି ନିଶ୍ଚିତ କରିବା ଦାବି ନେଇ ମେଡିକାଲ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ୍‌ମାନେ ଧର୍ମଘଟରେ ସାମିଲ ହେବେ। କଟକ କଲେଜ ଛକସ୍ଥିତ ସିଆଇଟିୟୁ ଜିଲା କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ପକ୍ଷରୁ ଉକ୍ତ ଧର୍ମଘଟକୁ ସମର୍ଥନ ଦିଆଯାଇଛି। ଏଆଇଟିୟୁସିର ବରିଷ୍ଠ ନେତା କିଶୋର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସିଆଇଟିୟୁର ରବି ନାରାୟଣ ମଲ୍ଲିକ, ପୀତାମ୍ବର ଲେଙ୍କା, ଶୁଭଙ୍କର ଦାସ, ଏଆଇଟିୟୁସିର ରାଜକିଶୋର ମଲ୍ଲିକ, ସୌଭାଗ୍ୟ ସାମଲ, ମନୋରଞ୍ଜନ ମହାରଣା ଓ ଯୁଧିଷ୍ଠିର ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିପାରେ ହସ୍ପିଟାଲ ସଂକ୍ରମଣ

**ଭୁବନେଶ୍ୱର,୧୪ା୧(ବ୍ୟୁରୋ)**

### ବହୁ ଡାକ୍ତର, ନର୍ସ, କର୍ମଚାରୀ ସଂକ୍ରମିତ

କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସଂକ୍ରମଣବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥିଲା। ବିଶେଷକରି ହସ୍ପିଟାଲରେ ସଂକ୍ରମଣ ବ୍ୟାପିବା ପରେ ଏଭଳି ସଂକଟ ସୃଷ୍ଟି ହୋଇଥିଲା। କଡ଼ା କଟକଣା ଓ ସଂକ୍ରମଣ ଭୟ ଯୋଗୁ ବହୁ ଅଣ କରୋନା ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ଆଖି ବୁଜିଥିଲେ। ଏବେ ରାଜ୍ୟରେ ଦୈନିକ ଆକ୍ରାନ୍ତ ସଂଖ୍ୟା ୧୦ହଜାରରୁ ଉର୍ଦ୍ଧ୍ୱ ରହିଥିଲେ ମଧ ସେପରି ସ୍ଥିତି ଉପୁଜି ନାହିଁ। କିନ୍ତୁ ବର୍ତ୍ତମାନ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ଯେଭଳି ଭାବେ ସଂକ୍ରମଣ ବ୍ୟାପୁଛି, ତାହାକୁ ଦେଖିଲେ ଆଗାମୀ ଦିନରେ ପୁଣି ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି।

ମିଳିଥିବା ସୂଚନାନୁସାରେ, କଟକ ଏସ୍‌ସିବି ମେଡିକାଲର ୪୦ରୁ ଉର୍ଦ୍ଧ୍ୱ ଡାକ୍ତର ଓ ନର୍ସ, ବୁର୍ଲା ଭିମ୍‌ସାରରେ ୩୦ ଡାକ୍ତରୀ ଛାତ୍ରୀଛାତ୍ର, ୨୫ ଡାକ୍ତର ଓ ନର୍ସ, ଏମ୍ସ ଭୁବନେଶ୍ୱରର ୧୫୬ ଡାକ୍ତର, ନର୍ସ ଓ ହସ୍ପିଟାଲ କର୍ମଚାରୀ ଏବଂ କ୍ୟାପିଟାଲ ହସ୍ପିଟାଲରେ ପ୍ରାୟ ୩୦ଜଣ ଡାକ୍ତର ଓ ନର୍ସ ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ସଂସ୍ପର୍ଶରେ ଆସି ବହୁ ରୋଗୀ ମଧ ସଂକ୍ରମିତ ହୋଇଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେବେ ହସ୍ପିଟାଲ ସଂକ୍ରମଣର ହଟ୍‌ସ୍ପଟ ପାଲଟିବା ପୂର୍ବରୁ ରାଜ୍ୟ ସରକାର ଓ ହସ୍ପିଟାଲ କର୍ତ୍ତୃପକ୍ଷ ନିଜ ଆଡୁ ଚିକିତ୍ସା ସେବାରେ କଟକଣା ଲଗାଇଛନ୍ତି। ଏମ୍ସ ତା'ର ଆଉଟ୍‌ଡୋର୍ ପଞ୍ଜୀକରଣ ହ୍ରାସ କରିବା ସହ ଆଉ କେତେକ ଗାଇଡ୍‌ଲାଇନ୍ ଜାରି କରିଛି। ସେହିଭଳି ଅନ୍ୟ ସମସ୍ତ ହସ୍ପିଟାଲ ପାଇଁ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇ ପୁଣି ଟେଲିମେଡିସିନ ସେବା ଆରମ୍ଭ କରାଯାଇଛି। ହସ୍ପିଟାଲ ନ ଆସି ଅନ୍‌ଲାଇନ୍‌ରେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ହସ୍ପିଟାଲରେ କରୋନା ସଂକ୍ରମଣ ରୋକିବା ପାଇଁ ଗାଇଡ୍‌ଲାଇନ୍ ଓ କଟକଣା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଏସବୁ ସତ୍ତ୍ୱେ ରାଜଧାନୀରେ ପ୍ରାଥମିକ ଚିକିତ୍ସାଳୟଠାରୁ ଆରମ୍ଭ କରି କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ସବୁଠି କରୋନା ବ୍ୟାପିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ଥିବା ୨୩ଟି ସରକାରୀ ଚିକିତ୍ସାଳୟରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ରୋଗୀ ଚିହ୍ନଟ ହେଉଥିବାବେଳେ ଖୋଦ୍ ହସ୍ପିଟାଲ କର୍ମଚାରୀ ମଧ କରୋନା ସଂକ୍ରମିତ ହେଉଛନ୍ତି। ଡାକ୍ତର, ନର୍ସ ଓ କର୍ମଚାରୀମାନେ ଯେତେବେଳେ ସଂକ୍ରମିତ ହେଉଛନ୍ତି ସେତେବେଳେ ଗୁରୁତର ରୋଗୀଙ୍କୁ ଚିକିତ୍ସା କରିବା କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠୁଛି।

କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଓମିକ୍ରନ୍‌ର ପ୍ରଭାବ ଦିନକୁ ଦିନ ବଢୁଛି। ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସମୟ ସମୟ ବ୍ୟବଧାନରେ ସାନିଟାଇଜେଶନ ମଧ କରାଯାଉଛି। ସେହିଭଳି ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଉଦ୍ଦେଶ୍ୟରେ ସାହୁ କହିଛନ୍ତି, ଗୁରୁତର ଚିକିତ୍ସା ତଥା ଅତି ଆବଶ୍ୟକୀୟ ସ୍ଥଳେ ହିଁ ହସ୍ପିଟାଲ ଆସନ୍ତୁ। ସେ ପର୍ଯ୍ୟନ୍ତ ଯଥା ସମ୍ଭବ ଘରେ ରହି ଉପଚାର କରନ୍ତୁ। ଅତି ଆବଶ୍ୟକ ହେଲେ କରୋନା ନିୟମ ମାନି ଆସିବାକୁ ସେ କହିଛନ୍ତି।



ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ମକର ସଂକ୍ରାନ୍ତିରେ ପିଲାମାନେ ଗୁଡ଼ି ଉଡାଉଛନ୍ତି।

## ଶହୀଦଙ୍କ ପରିବାରବର୍ଗଙ୍କୁ ଭେଟିବେ ଏନ୍‌ସିସି କ୍ୟାଡେଟ୍

**କଟକ ଅଫିସ, ୧୪ା୧**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୨୧ ମାର୍ଚ୍ଚ ୧୨ ତାରିଖରୁ 'ଆଜାଦୀ କା ଅମୃତ' ମହୋତ୍ସବ ଦେଶବ୍ୟାପୀ ପାଳନ କରାଯାଉଛି। ଉକ୍ତ ମହୋତ୍ସବ ୨୦୨୩ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧରେ ଦେଶର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଆର୍ଥିକ କ୍ଷେତ୍ରରେ ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତି ଏବଂ ଦେଶର ସାର୍ବଭୌମତ୍ୱ ରକ୍ଷା ପାଇଁ ବଳିଦାନ ଦେଇଥିବା ବୀରମାନଙ୍କୁ ମନେ ପକାଯାଉଛି। ଏନ୍‌ସିସି ପକ୍ଷରୁ ଆସନ୍ତା ୨୬ ତାରିଖରେ ଗଣତନ୍ତ୍ର ଦିବସ ପାଳନ କରାଯିବା ସହ ରାଜ୍ୟରେ ଶହୀଦଙ୍କ ଉଦ୍ଦେଶ୍ୟରେ ଶତ ଶତ ନମନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଉକ୍ତ ଦିନ ସ୍ଥଳସେନା, ନୌସେନା ଏବଂ ବାୟୁସେନାର ଶହୀଦ ଯବାନଙ୍କ ପରିବାରବର୍ଗଙ୍କୁ ଏନ୍‌ସିସି ଅଧିକାରୀ, ସ୍ଥାୟୀ ପ୍ରଶିକ୍ଷକ ଷ୍ଟାଫ୍ ଏବଂ କ୍ୟାଡେଟ୍‌ମାନେ ସାକ୍ଷାତ କରିବେ। ସେହିପରି ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଶହୀଦଙ୍କୁ ଶତ ଶତ ନମନ ଟ୍ୱିଟରରେ ଯୋଡିହୋଇ ନିଜର ମତ ପ୍ରକାଶ କରିବା ପାଇଁ ଏନ୍‌ସିସି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏ ସମ୍ପର୍କରେ କଟକ ଏନ୍‌ସିସି ଗ୍ରୁପ୍ ହେଡ୍‌କ୍ୱାର୍ଟର ପକ୍ଷରୁ ଶୁକ୍ରବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

## ବାଙ୍କୀରେ ପକ୍ଷୀଗଣନା: ୭୧,୭୦୦ ଚିହ୍ନଟ

**ବାଙ୍କୀ,୧୪ା୧(ସ୍ୱ.ପ୍ର.)**

ଡମପଡ଼ା-ଚନ୍ଦକା ଓ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ବାଙ୍କୀରେ ପକ୍ଷୀଗଣନା କରାଯାଇଛି। ଚଳିତବର୍ଷ ୭୧ ହଜାର ୭ଶହ ଦେଶୀ ଓ ବିଦେଶାଗତ ପକ୍ଷୀ ବାଙ୍କୀ ଆସିଥିବା ଜଣାପଡ଼ିଛି। ପକ୍ଷୀଗଣନା ପାଇଁ ଡମପଡ଼ା ବନଖଣ୍ଡ ପକ୍ଷରୁ ରେଞ୍ଜ ଅଫିସର ଅଶୋକ ଦାଶଙ୍କ ତତ୍ତ୍ୱାବଧାନରେ ୫ଟି ଦଳ ଗଠନ କରାଯାଇଥିଲା। ଏହି ଦଳ କଇଁମୁଣ୍ଡିରୁ ମୁଣ୍ଡଳୀ, ମୁଣ୍ଡଳୀରୁ ନରାଜସ୍ଥିତ ମହାନଦୀର ତଳ ଉପର ଅଞ୍ଚଳ, ଚାରିଘରିଆ ପାଟ, କୁସୁପଙ୍ଗି ପାଟ, ଗହଳବାଙ୍କର ଜାରିଆଠାରେ ପକ୍ଷୀ ଗଣନା କରିଥିଲେ। ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ବାଙ୍କୀ ଶିଶୁଆ ବନ ଅଧିକାରୀ ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅରାଚଣ୍ଡୀ ପାଟରେ ପକ୍ଷୀ ଗଣନା ହୋଇଥିଲା। ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ୧୭ଶହ ଓ ଡମପଡ଼ା-ଚନ୍ଦକା ପକ୍ଷରୁ ୭୦ ହଜାର ପକ୍ଷୀ ଚିହ୍ନଟ କରାଯାଇଛି। ସେମାନଙ୍କ ମଧରେ ଜାକନା, କିଙ୍ଗଫିଶର, ପଏଣ୍ଟ ହିରନ, ଗ୍ରେଟଇ ମେଟ, ଗ୍ରୋକେନ, ଟେଲିକନ, ଉଇକଟେର, ସୁରହେନ, ପୋଚାଡ଼, ଆଦି ପ୍ରଜାତିର ପକ୍ଷୀ ରହିଛନ୍ତି। କଟକ ଜିଲା ଅବୈତନିକ ବନଖଣ୍ଡ ଅଧିକାରୀ ସୁରେଶ ଚନ୍ଦ୍ର ତ୍ରିପାଠୀ, ଏସିଏଫ୍ ସଂଗ୍ରାମ ମହାନ୍ତି ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତା କରିଥିଲେ।

# 'ଫକୀରମୋହନ ଥିଲେ ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟର ଜନକ'

**କଟକ ଅଫିସ, ୧୪ା୧**

ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟର ଜନକ ହେଉଛନ୍ତି ବ୍ୟାସକବି ଫକୀରମୋହନ ସେନାପତି। ନାରୀ ଶିକ୍ଷା ଉପରେ ଫକୀରମୋହନଙ୍କ ରଚିତ ରେବତୀ ଗଳ୍ପ ଭାରତୀୟ ସାହିତ୍ୟରେ ଅନନ୍ୟ ବୋଲି କଟକ ସାରଳା ଭବନଠାରେ ଆୟୋଜିତ ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ସାରଳା ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବିଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଥିଲା। ଏଥିରେ ଲେଖିକା ଡ. ସୁଲୋଚନା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସାମାଜିକ ଭିତ୍ତିଭୂମି ଉପରେ ରଚିତ ଫକୀରମୋହନଙ୍କ ଉପନ୍ୟାସ ପାଠକଙ୍କ ହୃଦୟସ୍ପର୍ଶୀ ହୋଇପାରିଛି। ସଂସଦର ପ୍ରତିଷ୍ଠାତା ଡ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ପ୍ରଫେସର ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ନାଟ୍ୟକାର ସଞ୍ଜୀତ୍ ପଟ୍ଟନାୟକ, ଶିକ୍ଷାବିତ୍ ଚୌଧୁରୀ ସତ୍ୟ ଦାସ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି ପ୍ରମୁଖ ଉପସ୍ଥିତ ଥିଲେ। ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ପରିସରରେ ବ୍ୟାସକବିଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଗଜେନ୍ଦ୍ର ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଓ ଚୌଧୁରୀ କାଶୀନାଥ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ବିରୁପାକ୍ଷ ଶତପଥୀ ଧନ୍ୟବାଦ ଦେଇଥିଲେ। ସେହିପରି ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ସିଡ଼ିଏ ସେକ୍ଟର-୭ ସ୍ଥିତ ଫରେଷ୍ଟ ପାର୍କ ଏବଂ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଚୌଧୁରୀବଜାର ସ୍ଥିତ କାର୍ଯ୍ୟାଳୟ, ନୂଆ ପୃଥିବୀ ଅନୁଷ୍ଠାନ ପକ୍ଷରୁ କଟକ-ଜଗନ୍ନାଥ ବିହାରସ୍ଥିତ ଗୋପାଳପୁରଠାରେ ବ୍ୟାସକବିଙ୍କ ଜୟନ୍ତୀ ପାଳିତ ହୋଇଥିଲା।

# ମିଲରଙ୍କ ସର୍ତ୍ତକୁ ବିରୋଧ

**କଟକ ସଦର,୧୪ା୧(ଡି.ଏନ୍.ଏ.)**

କଟକ ସଦର ଅଞ୍ଚଳର ବିଭିନ୍ନ ସମବାୟ ସମିତି ସମ୍ପାଦକ ଓ ମିଲରଙ୍କ ମଧରେ ଏକ ସମନ୍ୱୟ ବୈଠକ ଶୁକ୍ରବାର କନ୍ଦରପୁର କୃଷକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧାନ ସଂଗ୍ରହ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉନ୍ନତ କିସମର ଧାନ ଚାଷୀଙ୍କଠାରୁ କିଣିବା ପାଇଁ ମିଲର୍ ସର୍ତ୍ତ ରଖିଥିଲେ। ମଣ୍ଡିରେ ଚାଷୀମାନେ ଅଖା ଖୋଲି ଧାନର ଗୁଣାତ୍ମକ ମାନ ମିଲର୍ ପ୍ରତିନିଧିଙ୍କୁ ଦେଖାଇବେ। ପରେ ସେହି ଧାନକୁ ପୁଣି ଅଖାରେ ଭର୍ତ୍ତିକରି ଓଜନ କରାଯିବ। ନଚେତ୍ ମିଲରମାନେ ଧାନ କିଣିବେ ନାହିଁ। ଏପରି କରାଗଲେ ଗୋଟିଏ ପାଳିରେ ଖୁବ୍ ବେଶି ହେଲେ ୪/୫ ଜଣ ଚାଷୀଙ୍କ ଧାନ କିଣାଯାଇପାରିବ। ଏହାଛଡା ଅଖା ଖୋଲି ପୁଣି ବାନ୍ଧିବା ସହ ଟ୍ରକ୍‌ରେ ଲଦିବା ଖର୍ଚ୍ଚ ସମ୍ପୃକ୍ତ ସମବାୟ ସମିତି ବହନ କରିବ। ଏହି ସର୍ତ୍ତକୁ ସମବାୟ ସମିତିର ସମ୍ପାଦକମାନେ ଗ୍ରହଣ କରି ନ ଥିଲେ। କାରଣ ସେଠାରେ ଉପସ୍ଥିତ ଚାଷୀ ଏହାକୁ ଦୃଢ଼ ବିରୋଧ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଭାରତୀୟ ଖାଦ୍ୟ ନିଗମ ପକ୍ଷରୁ ଏକ କୁଇଣ୍ଟାଲ ଧାନ ବଦଳରେ ୬୮ କିଲୋ ଚାଉଳ ଦେବା ପାଇଁ ମିଲରମାନଙ୍କୁ କୁହାଯାଇଛି। ଚଳିତ ବର୍ଷ ଅଦିନିଆ ବର୍ଷା ଯୋଗୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଧାନ ଫସଲରେ ବ୍ୟାପକ କ୍ଷତି ଘଟିଛି। ତେଣୁ ଓଦାଧାନ ନେବା ପାଇଁ ମିଲରମାନେ ରାଜି ହେଉନାହାନ୍ତି। ଆସନ୍ତା ସପ୍ତାହରେ କଟକ ସଦର ଓ ବାରଙ୍ଗ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ମଣ୍ଡିକୁ ଖୋଲିବା ପାଇଁ ସମବାୟ ସମିତି ସମ୍ପାଦକମାନେ ମିଲରମାନଙ୍କ ନିକଟରେ ଦାବି କରିଥିଲେ। ହେଲେ କୌଣସି ମିଲର ସନ୍ତୋଷଜନକ ଉତ୍ତର ନ ଦେଇ ଚାଲିଯାଇଥିଲେ। ଶନିବାର କଟକସ୍ଥିତ ସହକାରୀ ସମବାୟ ନିବନ୍ଧକଙ୍କ ସହ ଆଲୋଚନା କରିବା ପରେ ପଞ୍ଜୀକୃତ ଚାଷୀମାନଙ୍କୁ ଧାନ ସଂଗ୍ରହ ସମ୍ପର୍କରେ ଜଣାଇ ଦିଆଯିବ ବୋଲି କନ୍ଦରପୁର କୃଷି ସମବାୟ ସମିତି ନିର୍ଦ୍ଦେଶକ ଧୀରେନ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମିଲରମାନଙ୍କ ଏଭଳି ସର୍ତ୍ତକୁ ଚାଷୀମାନେ ଗ୍ରହଣ କରିପାରିବେ ନାହିଁ ବୋଲି ଭାଜପା ସମବାୟ ସଂଯୋଜକ ବିଜୟ ରାଉତରାୟ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପରେଶ



@ ଗାୟତ୍ରୀ



@ କାଲିଆ



@ ଟିଙ୍କୁ



@ ସୂର୍ଯ୍ୟକାନ୍ତ

## ମାଞ୍ଜାସୂତାରେ ଗୁଡ଼ି ଉଡ଼ାଇ ୫ ଅଟକ

**କଟକ ଅଫିସ,୧୪ା୧**

ବାଦାମବାଡ଼ି ଥାନା ଅଞ୍ଚଳରେ ମାଞ୍ଜା ସୂତାରେ ଗୁଡ଼ିଉଡ଼ା ଘଟଣାରେ ପୋଲିସ ୫ ନାବାଳକଙ୍କୁ ଶୁକ୍ରବାର ଅଟକ ରଖିଥିଲା। ସେମାନଙ୍କ ଅଭିଭାବକ ଥାନାରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମକର ସଂକ୍ରାନ୍ତି ଥିବାରୁ କଟକରେ ପିଲାମାନେ ଗୁଡ଼ି ଉଡାଇଥିଲେ। ହେଲେ ସହରର ନିର୍ଦ୍ଦିଷ୍ଟ ପଡିଆରେ ଏହି ଗୁଡ଼ି ଉଡାଇବା ପାଇଁ ପ୍ରଶାସନ ପକ୍ଷରୁ କୁହାଯିବା ସହ ମାଞ୍ଜାସୂତା ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। କିନ୍ତୁ ଏହାକୁ ନ ମାନି ବାଦାମବାଡି ଥାନା ଅଞ୍ଚଳର ବିଭିନ୍ନ ଗଳି ଓ ଛାତ ଉପରେ ପିଲାମାନେ ଗୁଡ଼ି ଉଡ଼ାଉଥିଲେ। ପୋଲିସ ସେଠାରେ ଚଢ଼ାଉ କରି ୫ ଜଣ ନାବାଳକଙ୍କୁ କାବୁ କରି ଥାନାକୁ ନେଇଥିଲା। ଏଥିସହ ୬୦ରୁ ଉର୍ଦ୍ଧ୍ୱ ଗୁଡ଼ି, ନଟେଇ, ସୂତା ଜବତ କରିଥିଲା।



ଜବତ ଗୁଡ଼ି, ନଟେଇ, ସୂତା।



ମକର ସଂକ୍ରାନ୍ତିରେ ଶୁକ୍ରବାର ମହାପ୍ରଭୁଙ୍କ ପାଇଁ ପୁରୀ ଉତ୍ତରପାର୍ଶ୍ୱ ମଠରେ ଫୁଲମାଳ ଓ ଭୋଗ ପ୍ରସ୍ତୁତ କରାଯାଉଛି।



ପୁରୀ ରାଧାବଲ୍ଲଭ ମଠ ପକ୍ଷରୁ ଶୁକ୍ରବାର ମହାପ୍ରଭୁଙ୍କୁ ମକର ଚାଉଳ ଭୋଗ ଅର୍ପଣ କରାଯାଉଛି ।



ଭୁବନେଶ୍ୱର ଲଳିତ କଳା ଏକାଡେମୀ ନିକଟରେ ଶୁକ୍ରବାର ତେଲୁଗୁ ସମ୍ପ୍ରଦାୟର ମହିଳା ଓ ପିଲାମାନେ ପୋଙ୍ଗଲ ପର୍ବ ପାଳନ କରୁଛନ୍ତି।

## ସଂକ୍ଷେପରେ

### ସଂକୀର୍ତ୍ତନ ମଣ୍ଡଳୀ ଉପରେ ମାଡ଼ିଗଲା କାର୍, ବୃଦ୍ଧ ମୃତ

**ବ୍ରହ୍ମଗିରି,୧୪।୧(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ନୂଆଗାଁରେ ମକର ସଂକ୍ରାନ୍ତିରେ ଶୁକ୍ରବାର ସନ୍ଧ୍ୟାରେ ସଂକୀର୍ତ୍ତନ ଚାଲିଥିଲା। ଏହି ସମୟରେ ଏକ କାର୍ ଦ୍ରୁତ ଗତିରେ ଆସି ଉକ୍ତ ସଂକୀର୍ତ୍ତନ ମଣ୍ଡଳୀ ଉପରେ ମାଡ଼ିଯାଇଥିଲା। ଫଳରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବାବେଳେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ଜଗନ୍ନାଥ ସାହୁ(୬୦)। ଅନ୍ୟପଟେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କାର୍‌ରେ ଥିବା ଯାତ୍ରୀଙ୍କୁ ମାର୍‌ପିଟ୍ କରିଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ କାର୍‌ରେ ଥିବା ଡ୍ରାଇଭରଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଗ୍ରାମର କେତେଜଣ ଲୋକ ଗ୍ରାମ ଭାଗବତ ଘର ସମ୍ମୁଖରେ ସଂକୀର୍ତ୍ତନ କରୁଥିଲେ। ଏହି ସମୟରେ ସାତପଡ଼ା ପଟୁ ଏକ କାର୍ ଦ୍ରୁତ ଗତିରେ ଆସି ସଂକୀର୍ତ୍ତନ ମଣ୍ଡଳୀ ଉପରେ ମାଡ଼ିଯାଇଥିଲା। ପରେ ଏକ ବିଦ୍ୟୁତ୍‌ଖୁଣ୍ଟକୁ ଧକ୍କା ହୋଇଥିଲା। ଜଗନ୍ନାଥଙ୍କ ଉପରେ ଗାଡ଼ି ମାଡ଼ିଯାଇଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିସହ ୬ଜଣ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବାଲିପାଟଣା,୧୪।୧(ଡି.ଏନ୍.ଏ.):** ବାଲିପାଟଣା ଥାନା ଅଞ୍ଚଳରେ ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନାବାଳିକା ଜଣକ ନଳକୂପ ନିକଟରେ ଗାଧୋଉଥିବା ବେଳେ ଉକ୍ତ ଗ୍ରାମର ଜଣେ ଯୁବକ ସେଠାରେ ପହଞ୍ଚିଥିଲେ। ପରେ ଯୁବକ ଜଣଙ୍କ ନାବାଳିକାଙ୍କୁ ପାଇଖାନା ଘରକୁ ଡାକିନେଇ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଅଭିଯୁକ୍ତ ଫେରାର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ନନ୍ଦନକାନନ: ଚିତ୍ରା ହରିଣ ମୃତ

**ବାରଙ୍ଗ,୧୪।୧(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପୁଣି ଏକ ଚିତ୍ରା ହରିଣ ଶୁକ୍ରବାର ମୃତ୍ୟୁବରଣ କରିଛି। ୬୮ ନମ୍ବର (ଖ) ଏନ୍‌କ୍ଲୋଜରରେ ରହୁଥିବା ୭ ମାସର ମାଈ ଚିତ୍ରାହରିଣ କିଛିଦିନ ହେବ ଏନ୍‌କ୍ଲୋଜରରେ ଥିବା ଅନ୍ୟ ହରିଣଙ୍କ ମଧ୍ୟରେ ମାରପିଟ ଲାଗୁଥିଲା। ଏଥିରେ ମାଈ ହରିଣଟିର ଆଗ ଓ ପଛ ଡାହାଣ ଗୋଡ ଦୁଇଟିରେ ଆଘାତ ଲାଗିଥିଲା। ଫଳରେ ସେହିଦିନଠାରୁ ମାଈ ହରିଣଟି ଅସୁସ୍ଥ ହେବା ସହ ଛୋଟେଇ ଛୋଟେଇ ଚାଲୁଥିଲା। ନନ୍ଦନକାନନର ବନ୍ୟପ୍ରାଣୀ ଚିକିତ୍ସକ ଚିକିତ୍ସା କରୁଥିଲେ ମଧ୍ୟ ଶୁକ୍ରବାର ମୃତ୍ୟୁ ଘଟିଛି।

### ଆକ୍ରମଣ: ଜମି ବ୍ୟବସାୟୀ ଗିରଫ

**ବାରଙ୍ଗ,୧୪।୧(ଡି.ଏନ୍.ଏ.):** ପୁରୁଣା ବ୍ୟବସାୟିକ ବିବାଦକୁ କେନ୍ଦ୍ରକରି ମଧୁବନ ଗାଁମୁଣ୍ଡ ବାରଙ୍ଗ-କଟକ ମୁଖ୍ୟ ରାସ୍ତାରେ ଗତ ୨୮ ତାରିଖରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସଂଘବଦ୍ଧ ଭାବେ ଆକ୍ରମଣ କରିବାରୁ ମଧୁବନ ଗ୍ରାମର ଜଗନ୍ନାଥ ରାଉତ ଗୁରୁତର ଆହତ ହୋଇଥିଲେ। ଏ ନେଇ ଜଗନ୍ନାଥଙ୍କ ଅଭିଯୋଗକ୍ରମେ ବାରଙ୍ଗ ଥାନା ପୋଲିସ ତଦନ୍ତ ଚଳାଇଥିଲା। ତେବେ ଦୁଇ ଜମି ବ୍ୟବସାୟୀଙ୍କ ବିବାଦ ଯୋଗୁ ଏପରି ହୋଇଥିବା ପୋଲିସ ଜାଣିଥିଲା। ଏହି ଘଟଣାର ସୂତ୍ରଧର ସାଜିଥିବା ଏକ ବିଲ୍‌ଡର ସଂସ୍ଥାର ମୁଖ୍ୟଙ୍କୁ ପୋଲିସ ବାଦାମବାଡ଼ିସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିପାରେ ହସ୍ପିଟାଲ ସଂକ୍ରମଣ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

## ବହୁ ଡାକ୍ତର, ନର୍ସ, କର୍ମଚାରୀ ସଂକ୍ରମିତ

କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସଂକ୍ରମଣବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥିଲା। ବିଶେଷକରି ହସ୍ପିଟାଲରେ ସଂକ୍ରମଣ ବ୍ୟାପିବା ପରେ ଏଭଳି ସଂକଟ ସୃଷ୍ଟି ହୋଇଥିଲା। କଡ଼ା କଟକଣା ଓ ସଂକ୍ରମଣ ଭୟ ଯୋଗୁ ବହୁ ଅଣ କରୋନା ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ଆଖି ବୁଜିଥିଲେ। ଏବେ ରାଜ୍ୟରେ ଦୈନିକ ଆକ୍ରାନ୍ତ ସଂଖ୍ୟା ୧୦ହଜାରରୁ ଊର୍ଦ୍ଧ୍ୱ ରହିଥିଲେ ମଧ୍ୟ ସେପରି ସ୍ଥିତି ଉପୁଜି ନାହିଁ। କିନ୍ତୁ ବର୍ତ୍ତମାନ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ଯେଭଳି ଭାବେ ସଂକ୍ରମଣ ବ୍ୟାପୁଛି, ତାହାକୁ ଦେଖିଲେ ଆଗାମୀ ଦିନରେ ପୁଣି ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି।

ମିଳିଥିବା ସୂଚନାନୁସାରେ, କଟକ ଏସ୍‌ସିବି ମେଡିକାଲର ୪୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ ନର୍ସ, ବୁର୍ଲା ଭିମ୍‌ସାରରେ ୩୦ ଡାକ୍ତରୀ ଛାତ୍ରୀଛାତ୍ର, ୨୫ ଡାକ୍ତର ଓ ନର୍ସ, ଏମ୍ସ ଭୁବନେଶ୍ୱରର ୧୫୬ ଡାକ୍ତର, ନର୍ସ ଓ ହସ୍ପିଟାଲ କର୍ମଚାରୀ ଏବଂ କ୍ୟାପିଟାଲ ହସ୍ପିଟାଲରେ ପ୍ରାୟ ୩୦ଜଣ ଡାକ୍ତର ଓ ନର୍ସ ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ସଂସ୍ପର୍ଶରେ ଆସି ବହୁ ରୋଗୀ ମଧ୍ୟ ସଂକ୍ରମିତ ହୋଇଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେବେ ହସ୍ପିଟାଲ ସଂକ୍ରମଣର ହଟ୍‌ସ୍ପଟ ପାଲଟିବା ପୂର୍ବରୁ ରାଜ୍ୟ ସରକାର ଓ ହସ୍ପିଟାଲ କର୍ତ୍ତୃପକ୍ଷ ନିଜ ଆଡୁ ଚିକିତ୍ସା ସେବାରେ କଟକଣା ଲଗାଇଛନ୍ତି। ଏମ୍ସ ତା'ର ଆଉଟ୍‌ଡୋର୍ ପଞ୍ଜୀକରଣ ହ୍ରାସ କରିବା ସହ ଆଉ କେତେକ ଗାଇଡ୍‌ଲାଇନ୍ ଜାରି କରିଛି। ସେହିଭଳି ଅନ୍ୟ ସମସ୍ତ ହସ୍ପିଟାଲ ପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇ ପୁଣି ଟେଲିମେଡିସିନ ସେବା ଆରମ୍ଭ କରାଯାଇଛି। ହସ୍ପିଟାଲ ନ ଆସି ଅନ୍‌ଲାଇନ୍‌ରେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ହସ୍ପିଟାଲରେ କରୋନା ସଂକ୍ରମଣ ରୋକିବା ପାଇଁ ଗାଇଡ୍‌ଲାଇନ୍ ଓ କଟକଣା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଏସବୁ ସତ୍ତ୍ୱେ ରାଜଧାନୀରେ ପ୍ରାଥମିକ ଚିକିତ୍ସାଳୟଠାରୁ ଆରମ୍ଭ କରି କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ସବୁଠି କରୋନା ବ୍ୟାପିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ଥିବା ୨୩ଟି ସରକାରୀ ଚିକିତ୍ସାଳୟରେ ପ୍ରତିଦିନ ଶହଶହ ସଂଖ୍ୟାରେ ରୋଗୀ ଚିହ୍ନଟ ହେଉଥିବାବେଳେ ଖୋଦ୍ ହସ୍ପିଟାଲ କର୍ମଚାରୀ ମଧ୍ୟ କରୋନା ସଂକ୍ରମିତ ହେଉଛନ୍ତି। ଡାକ୍ତର, ନର୍ସ ଓ କର୍ମଚାରୀମାନେ ଯେତେବେଳେ ସଂକ୍ରମିତ ହେଉଛନ୍ତି ସେତେବେଳେ ଗୁରୁତର ରୋଗୀଙ୍କୁ ଚିକିତ୍ସା କରିବା କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠୁଛି।

କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଓମିକ୍ରନ୍‌ର ପ୍ରଭାବ ଦିନକୁ ଦିନ ବଢୁଛି। ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସମୟ ସମୟ ବ୍ୟବଧାନରେ ସାନିଟାଇଜେଶନ ମଧ୍ୟ କରାଯାଉଛି। ସେହିଭଳି ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଉଦ୍ଦେଶ୍ୟରେ ସାହୁ କହିଛନ୍ତି, ଗୁରୁତର ଚିକିତ୍ସା ତଥା ଅତି ଆବଶ୍ୟକୀୟ ସ୍ଥଳେ ହିଁ ହସ୍ପିଟାଲ ଆସନ୍ତୁ। ସେ ପର୍ଯ୍ୟନ୍ତ ଯଥା ସମ୍ଭବ ଘରେ ରହି ଉପଚାର କରନ୍ତୁ। ଅତି ଆବଶ୍ୟକ ହେଲେ କରୋନା ନିୟମ ମାନି ଆସିବାକୁ ସେ କହିଛନ୍ତି।



ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ମକର ସଂକ୍ରାନ୍ତିରେ ପିଲାମାନେ ଗୁଡ଼ି ଉଡାଉଛନ୍ତି।

## ଦିନକରେ ୧୧୨ ଆକ୍ରାନ୍ତ, ୨୫ସୁସ୍ଥ

**ଖୋର୍ଦ୍ଧା ଅଫିସ,୧୪।୧**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ୩ଅଙ୍କ ଛୁଇଁଲାଣି। ଗୁରୁବାର ୧୧୨ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୫ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୬, ବାଲିପାଟଣା ୨, ଭୁବନେଶ୍ୱର (ମେଣ୍ଢାଶାଳ)୨୮, ଜଟଣୀ ୧୨, ଖୋର୍ଦ୍ଧା ୯, ବେଗୁନିଆ ୨, ବୋଲଗଡ଼ ୧, ଟାଙ୍ଗୀ ୬, ଚିଲିକା ୬ ଏବଂ ବାଣପୁର ବ୍ଲକର ୨୦ଜଣ ରହିଛନ୍ତି। ଜିଲାରେ ଏପର୍ଯ୍ୟନ୍ତ ମୋଟ ୩୦,୬୭୪ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୯୮୦୫ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୪୪୨ଜଣଙ୍କ ମୃତ୍ୟୁ ଘଟିଛି। ୪୨୭ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଏନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, କୋଭିଡ ନିୟମକୁ କଡାକଡି କରାଯାଇଛି। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଉଛି।

## ଅଦିନିଆ ବର୍ଷା, ଚିନ୍ତାରେ ଚାଷୀ

**ବେଗୁନିଆ,୧୪।୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେବ ବର୍ଷା ଲାଗି ରହିଛି। ଫଳରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଚିନ୍ତାରେ ଥିବାବେଳେ ବ୍ୟାପକ ପରିବା ଫସଲ ଉଜୁଡିଯିବ ବୋଲି ଆଶଙ୍କା କରିଛନ୍ତି। ଶନିବାର ପର୍ଯ୍ୟନ୍ତ କେତେକ ସ୍ଥାନରେ କୁଆପଥର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବ୍ଲକ ଅଞ୍ଚଳରେ ହୋଇଥିବା ବିଭିନ୍ନ ପରିବା ଯଥା କୋବି, ବାଇଗଣ, ଟମାଟର ଆଦି ଫସଲରେ ରୋଗ ପୋକ ଲାଗି ଯିବାର ସମ୍ଭାବନା ରହିଛି। ଏହାକୁ ନେଇ ଚାଷୀମାନେ ଆଶଙ୍କାରେ ଅଛନ୍ତି। ସୂଚନାଥାଉ କି, ଗତ ଡିସେମ୍ବର ୪ରେ ବାତ୍ୟା ପ୍ରଭାବ ଲଘୁଚାପଜନିତ ବର୍ଷା ଯୋଗୁ ବ୍ୟାପକ ପାଚିଲା ଧାନ ଫସଲ ନଷ୍ଟ ହୋଇଥିଲା।

# ୧୧ଗାଡ଼ି ଜବତ, ୬ ଗିରଫ

**ଖୋର୍ଦ୍ଧା ଅଫିସ/ବେଗୁନିଆ/ ନିରାକାରପୁର, ୧୪।୧(ଡି.ଏନ୍.ଏ.)**

## ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ

ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ପଥର ଖନନ ଚାଲିଛି। ଦୈନିକ ଶହ ଶହ ଟ୍ରକ୍, ଟ୍ରାକ୍ଟରରେ ମାଙ୍କଡ଼ା ପଥର ଓ ମୋରମ ଚୋରା ଚାଲାଣ ହେଉଛି। ଜିଲା ପ୍ରଶାସନର ଅବହେଳାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ନିଜିଗଡ଼ ତାପଙ୍ଗ ଅଞ୍ଚଳର ତାପଙ୍ଗ, ଅଣ୍ଡା, ଝିଙ୍କିଝାରୀ ଆଦି ଅଞ୍ଚଳର ୫ଶହ ଏକର ଜମିରୁ ବେଆଇନ ଭାବେ ଏହି ପଥର ଖନନ ଚାଲିଛି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ସହ ପ୍ରାକୃତିକ ପରିବେଶ ନଷ୍ଟ ହେଉଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ପରେ ବେଆଇନ ଭାବେ ଚାଲିଥିବା ପଥର ଖଣିରେ ଚଢ଼ାଉ, ଏଥିରେ ବ୍ୟବହୃତ ପାୱାର ଟିଲର ଓ ଯନ୍ତ୍ରପାତି ସହ ଗାଡ଼ି ଜବତ କରି ଜରିମାନା ଆଦାୟ ଲାଗି ରାଜସ୍ୱ ଏବଂ ପୋଲିସକୁ ନେଇ ଟାସ୍କଫୋର୍ସ ଗଠନ କରାଯାଇଛି। ଖୋର୍ଦ୍ଧା ପୋଲିସ ପକ୍ଷରୁ ଦୁଇଦିନ ମଧ୍ୟରେ ୧୧ଟି ମାଙ୍କଡ଼ା ପଥର ବୋଝେଇ ଗାଡି ଜବତ କରାଯାଇଥିବା ବେଳେ ବିଭିନ୍ନ ଥାନାରେ ୭ଟି ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜବତ ମାଙ୍କଡ଼ା ପଥରର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା ହେବ। ଆଗକୁ ଏହି ଅଭିଯାନକୁ ଜୋର୍‌ଦାର କରାଯିବ ବୋଲି ଏସ୍‌ପି ରାଜକିଶୋର ଦୋରା କହିଛନ୍ତି। ଗତ ଡିସେମ୍ବର ୨୪ରୁ ଅଦ୍ୟାବଧି ବିଭିନ୍ନ ତହସିଲଦାରଙ୍କ ଦ୍ୱାରା ୮୪ଟି ପଥର ଗାଡି ଜବତ ହୋଇଥିବା ବେଳେ ୪୫ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ୨୪ଲକ୍ଷ ୪୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଅତ୍ରି ହଟ୍ଟକେଶ୍ୱର ପୀଠ ଖାଁ ଖାଁ

**ଖୋର୍ଦ୍ଧା ଅଫିସ,୧୪।୧**



ପ୍ରଶାସନ ପକ୍ଷରୁ ମନ୍ଦିର ଆଗରେ ବାଉଁଶ ବାଡ଼ ଦିଆଯାଇଛି।

କୋଭିଡ୍ କଟକଣା ଯୋଗୁ ଶୁକ୍ରବାର ମକର ସଂକ୍ରାନ୍ତିରେ ଅତ୍ରିର ଉଷ୍ଣ ପ୍ରସ୍ରବଣ ଓ ହଟ୍ଟକେଶ୍ୱର ଦେବଙ୍କ ପୀଠ ଖାଁ ଖାଁ ରହିଥିଲା। ମନ୍ଦିର ଆଗରେ ବାଡ଼ ଦିଆଯାଇଥିବା ବେଳେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଥିଲା। ଏପରି କି ଉଷ୍ଣ ପ୍ରସ୍ରବଣକୁ ବନ୍ଦ କରିଦିଆଯାଇଥିଲା। ତେବେ ଚଳିତବର୍ଷ କଟକଣା ଯୋଗୁ କେବଳ ବିଧି ବିଧାନପୂର୍ବକ ପୂଜାର୍ଚ୍ଚନା ଓ ଅନ୍ୟାନ୍ୟ ବିଧି ସ୍ୱଳ୍ପସଂଖ୍ୟକ ସେବାୟତଙ୍କୁ ନେଇ ସମ୍ପନ୍ନ ହୋଇଛି। ଭୋର୍‌ରେ ଦ୍ୱାରଫିଟା ନୀତି ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ବେଶ ଲାଗି ପରେ ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତି ପରେ ରାତି ପହୁଡ଼ ନୀତି ସମ୍ପନ୍ନ ହୋଇଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

ସୂଚନାଥାଉ କି, ମକର ସଂକ୍ରାନ୍ତି ଅବସରରେ ଅତ୍ରିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ନିଃସନ୍ତାନ ମହିଳାମାନେ ପୂର୍ବଦିନ ହଟ୍ଟକେଶ୍ୱରଙ୍କ ନିକଟରେ ମାନସିକ ରଖି ତା'ପରଦିନ ମକର ସଂକ୍ରାନ୍ତି ଭୋରୁ ଦହଲ(ମାନସିକ କୁଣ୍ଡ)ରେ ପୂଜକଙ୍କଠାରୁ ପାଦୁକା ଗ୍ରହଣ ପରେ ଗୁଆ ପକାଇ ଖୋଜିଥାନ୍ତି। ଜଳରେ ସମର୍ପିତ ଗୁଆକୁ ଭକ୍ଷଣ କଲେ ସନ୍ତାନପ୍ରାପ୍ତି ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ସେହିପରି ଉଷ୍ଣ ପ୍ରସ୍ରବଣରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ହଟ୍ଟକେଶ୍ୱରଙ୍କ ନିକଟରେ ମକର ମହୋତ୍ସବ ଆୟୋଜିତ ହୋଇଥାଏ। କୋଭିଡ୍ ନିୟନ୍ତ୍ରଣ ଲାଗି ଉପଜିଲାପାଳ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଦେବାଳୟରେ ୧୪୪ ଧାରା ଜାରି କରିଛନ୍ତି। ଫଳରେ ଦୀର୍ଘ ବର୍ଷ ଧରି ଚାଲିଥିବା ଏହି ପରମ୍ପରା ଚଳିତ ବର୍ଷ ବନ୍ଦ ରହିଛି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ନିୟନ୍ତ୍ରଣ ରହିଛି। ପ୍ରଶାସନ ପକ୍ଷରୁ ଅନୁମତି ମିଳିଥିଲେ କଟକଣା ମଧ୍ୟରେ ଏହି ମେଳା ଆୟୋଜନ ହୋଇଥାନ୍ତା। କିନ୍ତୁ ବନ୍ଦ କରିଦିଆଗଲା। ପ୍ରଶାସନର ଏପରି ନିଷ୍ପତ୍ତିକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ରୋଜା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ଜଟଣୀ,୧୪।୧(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ମିଶ୍ରିତ ବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଗଠନ(ରୋଜା) ପକ୍ଷରୁ ସ୍ଥାନୀୟ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ପ୍ରତିଷ୍ଠାତା ସଭ୍ୟ ଶଙ୍କର ନାୟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବିନୋଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅରୁଣ ମହାନ୍ତି, ଡ.ସଞ୍ଜୟ ଦାସ, ଡ. ଗୌରୀପ୍ରସାଦ ସିଂ, ସୁବ୍ରତ ପଣ୍ଡା, ରଞ୍ଜିତ ଦାସ, ପ୍ରଣତି ସ୍ୱାଇଁ, କାକୋଲି ମୁନସୀ, ଡ.ତପନ ମିଶ୍ର, ନିରଞ୍ଜନ ମିଶ୍ର, ଗୌରୀ ମହାନ୍ତି, ପ୍ରଦୀପ ତ୍ରିପାଠୀଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଡ. ମିଶ୍ର ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପରେଶ



@ ଗାୟତ୍ରୀ



@ କାଳିଆ



@ ଟିଙ୍କୁ



@ ସୂର୍ଯ୍ୟକାନ୍ତ

# ବାର୍ଷିକ ସାରସ୍ୱତ ସମାରୋହ

**ବୋଲଗଡ଼,୧୪।୧(ଡି.ଏନ୍.ଏ.)**

ବୋଲଗଡ଼ ନନ୍ଦିଘୋଷ ଭବନରେ ଶୁକ୍ରବାର ବାର୍ଷିକ ସାରସ୍ୱତ ସମାରୋହ ତଥା ମକର ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦିଘୋଷର ସଭାପତି ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ତଥା ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ପ୍ରାଧ୍ୟାପକ ରାମଚନ୍ଦ୍ର ମିଶ୍ର, ଅଧ୍ୟାପକ ନିର୍ମଳ ଚନ୍ଦ୍ର ସୁରଦେଓ, ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ା, ଅଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। କବୟିତ୍ରୀ କାଦମ୍ବିନୀ ମହାପାତ୍ର ଓ ହରପ୍ରିୟା ଦ୍ୱିବେଦୀ ଏହାର ସଂଯୋଜନା କରିଥିଲେ। ନନ୍ଦିଘୋଷ ଉପସଭାପତି ହରିବନ୍ଧୁ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ସମ୍ପାଦକ ଗୁଣନିଧି ହୋତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶ୍ରୀକାନ୍ତ ନାୟକ ସଂଯୋଜନା କରିଥିଲେ। ଅଞ୍ଚଳର ବହୁ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଗୀତାଞ୍ଜଳି ମହାପାତ୍ର ବେଦପାଠ କରିଥିବା ବେଳେ ଅବିନାଶ ସୁବୁଦ୍ଧି ଓ ବଂଶୀଧର ମହାବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।



ମକର ସଂକ୍ରାନ୍ତିରେ ଶୁକ୍ରବାର ମହାପ୍ରଭୁଙ୍କ ପାଇଁ ପୁରୀ ଉତ୍ତରପାର୍ଶ୍ୱ ମଠରେ ଫୁଲମାଳ ଓ ଭୋଗ ପ୍ରସ୍ତୁତ କରାଯାଉଛି।



ପୁରୀ ରାଧାବଲ୍ଲଭ ମଠ ପକ୍ଷରୁ ଶୁକ୍ରବାର ମହାପ୍ରଭୁଙ୍କୁ ମକର ଚାଉଳ ଭୋଗ ଅର୍ପଣ କରାଯାଉଛି ।



ଭୁବନେଶ୍ୱର ଲଳିତ କଳା ଏକାଡେମୀ ନିକଟରେ ଶୁକ୍ରବାର ତେଲୁଗୁ ସମ୍ପ୍ରଦାୟର ମହିଳା ଓ ପିଲାମାନେ ପୋଙ୍ଗଲ ପର୍ବ ପାଳନ କରୁଛନ୍ତି।

## ପଞ୍ଚାୟତ ନିର୍ବାଚନ ନେଇ ବିଜେଡି ବୈଠକ

ଗୋପ,(ଡି.ଏନ୍.ଏ.)- ଗୋପ ବିଜେଡି ଦଳ କାର୍ଯ୍ୟାଳୟରେ ୨ ଦିନିଆ ପଞ୍ଚାୟତ ନିର୍ବାଚନ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଦଳ ନିଷ୍ପତ୍ତି ଅନୁଯାୟୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଦିଆଯିବ। ଏହି ନିଷ୍ପତ୍ତିକୁ ଯେଉଁ କର୍ମୀ ଅବମାନନା କରିବ ସେହି କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ସୁକାନ୍ତ ମହାନ୍ତି, ରବିନ୍ଦ୍ର ନାୟକ, ପୁନେଶ ସେନାପତି, ଅକ୍ଷୟ ନିଶଙ୍କ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗୋପ- ନିମାପଡ଼ା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ୧୪ ପଞ୍ଚାୟତ ମଧ୍ୟରୁ ୭ ପଞ୍ଚାୟତର ପ୍ରାର୍ଥୀ ଚୟନ ଶେଷ ହୋଇଥିବା ବେଳେ ଶୁକ୍ରବାର ବାକି ପଞ୍ଚାୟତର ପ୍ରାର୍ଥୀ ଚୟନ ହୋଇଛି । ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗୋପ ବ୍ଲକ ପୁଣି ଶାସକ ଦଳ ହାତକୁ ଯିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୧।୨୦୨୨

| ୮,୧୨୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଦୈନିକ ସଂକ୍ରମଣ ୨୫୦ ଟପିଲା

ପୁରୀ ଅଫିସ, ୧୪।୧: ପୁରୀ ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୨୬୯ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ସହରରୁ ସର୍ବାଧିକ ୧୫୪ ଜଣ ରହିଛନ୍ତି। ପୁରୀ ସଦରରୁ ୨୨, ନିମାପଡ଼ାରୁ ୩, ସତ୍ୟବାଦୀରୁ ୧୩, ପିପିଲିରୁ ୧୫, ବ୍ରହ୍ମଗିରିରୁ ୧୦, କାକଟପୁରରୁ ୩, ଗୋପରୁ ୭, କୋଣାର୍କ ଏନ୍ଏସିରୁ ଜଣେ, ପିପିଲି ଏନ୍ଏସିରୁ ୪, ଅସ୍ତରଙ୍ଗ ଓ ଡେଲାଙ୍ଗ ବ୍ଲକ୍‌ରୁ ୫ଜଣ ଲେଖାଏ, କଣାସ ବ୍ଲକ୍‌ରୁ ୩, ନିମାପଡ଼ା ଏନ୍ଏସ୍‌ସିରୁ ୨, ଅନ୍ୟ ଜିଲାରୁ ୧୯ ଏବଂ ଅନ୍ୟ ରାଜ୍ୟରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ସହରରୁ ଚିହ୍ନଟ ୧୫୪ ଆକ୍ରାନ୍ତଙ୍କ ମଧ୍ୟରେ ୧, ୩, ୪, ୭, ୯ ଓ ୧୩ ନଂ ୱାର୍ଡରୁ ଜଣେ ଲେଖାଏ ରହିଛନ୍ତି। ୬, ୧୦, ୧୧, ୧୨, ୨୦ ଓ ୨୫ ନଂ. ୱାର୍ଡରୁ ୨ଜଣ ଲେଖାଏ, ୫, ୮, ୧୫ ଓ ୨୯ ନମ୍ବର ୱାର୍ଡରୁ ୩ଜଣ ଲେଖାଏ, ୨, ୧୭, ୧୮, ୧୯ ଓ ୨୬ ନମ୍ବର ୱାର୍ଡରୁ ୪ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୬ ନଂ. ୱାର୍ଡରୁ ୫ଜଣ, ୨୪ ନଂ. ୱାର୍ଡରୁ ୮ଜଣ, ୨୭ ଓ ୩୦ ନଂ. ୱାର୍ଡରୁ ୯ ଜଣ ଲେଖାଏ, ୧୪ ଓ ୩୧ ନଂ. ୱାର୍ଡରୁ ୧୧ ଜଣ ଲେଖାଏ, ୨୧ ଓ ୨୩ ନଂ. ୱାର୍ଡରୁ ୧୨ଜଣ ଲେଖାଏ, ୨୨ ନଂ. ୱାର୍ଡରୁ ୧୩ ଜଣ ଏବଂ ୨୮ ନଂ. ୱାର୍ଡରୁ ୧୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ନୀଳଚକ୍ର ମାଜଣା ନୀତି

ପୁରୀ ଅଫିସ, ୧୪।୧: ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଚଳିତ ବର୍ଷ ମକରସଂକ୍ରାନ୍ତି ପୂର୍ବଦିନ ନବାଙ୍କ ଅବସରରେ ନୀଳଚକ୍ର ଅଁଳାବେଢ଼ାକୁ ଚୁନରା ସେବକମାନେ ଚୁନରେ ରଙ୍ଗ ଦେଇଥିଲେ। ସେହିଭଳି ମକର ସଂକ୍ରାନ୍ତିରେ ସୁନା ଗୋସେଇଁଙ୍କ ମଠରୁ ଗେରୁ ଆଣି କଳସରେ ଲେପ କରିଛନ୍ତି। ଚୁନରା ସେବାୟତମାନେ ଅଁଳା ବେଢା ଉପରି ଭାଗରେ ଥିବା ରାମାନନ୍ଦୀ ଚିତାକୁ ଲେପନ କରିବା ସହ ନୀଳଚକ୍ର ମାଜଣା ନୀତି ସମ୍ପାଦନ କରିଥିଲେ।

### 'ଆହେ ଦୁଃଖିହାରୀ', 'ଥୁଣ୍ଟା ଗଛର ଛାଇ'ର ଶୁଭମୁକ୍ତି

ପୁରୀ ଅଫିସ, ୧୪।୧: ନଳିନୀପ୍ରଭା କ୍ରିଏସନ୍ ପ୍ରଯୋଜିତ କ୍ଷୁଦ୍ର ଚଳଚ୍ଚିତ୍ର 'ଥୁଣ୍ଟା ଗଛର ଛାଇ'ର ଶୁଭମୁକ୍ତି କାର୍ଯ୍ୟକ୍ରମ ଶୁକ୍ରବାର ଦଣ୍ଡତୋଟାସ୍ଥିତ ବଚପନ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଡ. ନଳିନୀପ୍ରଭା ଦାସ ଚଳଚ୍ଚିତ୍ରର ପ୍ରଯୋଜନା କରିଥିବାବେଳେ ଜନାର୍ଦ୍ଦନ ଭୂୟାଁ କାହାଣୀ, ସଂଳାପ ରଚନା କରିବା ସହିତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ଇତିଶ୍ରୀ ମହାନ୍ତି ଗୀତ ରଚନା ଓ କୁମାର ଦିଲୀପ କଣ୍ଠଦାନ କରିଛନ୍ତି। ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ପ୍ୟାରୀ ମୋହନ ଦାଶ ଏବଂ ଅନ୍ୟାନ୍ୟ ଚରିତ୍ରରେ ଦେବାଶିଷ, ଚିନ୍ମୟୀ, ଅସୀମା ଏବଂ ରାମଚନ୍ଦ୍ର ବଡପଣ୍ଡା ପ୍ରମୁଖ ଅଭିନୟ କରିଛନ୍ତି। ସେହିପରି ଭଜନ 'ଆହେ ଦୁଃଖିହାରୀ' ମୁକ୍ତିଲାଭ କରିଛି। କୃତାଞ୍ଜଳି ସାହୁ ପ୍ରଯୋଜନା ଦାୟିତ୍ୱ ତୁଲାଇଥିବାବେଳେ ଗୀତିକାର ହେଉଛନ୍ତି ସନ୍ତୋଷ ସାହୁ। ଜନାର୍ଦ୍ଦନ ଭୂୟାଁ ସଙ୍ଗୀତ ଦେଇଥିବାବେଳେ ଶ୍ରୀଚରଣ ମହାନ୍ତି କଣ୍ଠଦାନ କରିଛନ୍ତି। ସଙ୍ଗଠକ ପ୍ରଦ୍ୟୁମ୍ନ ମିଶ୍ର, ରମେଶ ବଳିୟାରସିଂହ, ରୀନା ରାୟ, ମନସ୍ୱିନୀ ମିଶ୍ର, ସୁଜାତା ସାହୁ, ରାଜ କୁଣ୍ଡୁ, ସୁପ୍ରଭା ମହାନ୍ତି ଓ ଦୀପ୍ତିମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିପାରେ ହସ୍ପିଟାଲ ସଂକ୍ରମଣ

## ବହୁ ଡାକ୍ତର, ନର୍ସ, କର୍ମଚାରୀ ସଂକ୍ରମିତ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସଂକ୍ରମଣବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥିଲା। ବିଶେଷକରି ହସ୍ପିଟାଲରେ ସଂକ୍ରମଣ ବ୍ୟାପିବା ପରେ ଏଭଳି ସଂକଟ ସୃଷ୍ଟି ହୋଇଥିଲା। କଡ଼ା କଟକଣା ଓ ସଂକ୍ରମଣ ଭୟ ଯୋଗୁ ବହୁ ଅଣ କରୋନା ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ଆଖି ବୁଜିଥିଲେ। ଏବେ ରାଜ୍ୟରେ ଦୈନିକ ଆକ୍ରାନ୍ତ ସଂଖ୍ୟା ୧୦ହଜାରରୁ ଊର୍ଦ୍ଧ୍ୱ ରହିଥିଲେ ମଧ୍ୟ ସେପରି ସ୍ଥିତି ଉପୁଜି ନାହିଁ। କିନ୍ତୁ ବର୍ତ୍ତମାନ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ଯେଭଳି ଭାବେ ସଂକ୍ରମଣ ବ୍ୟାପୁଛି, ତାହାକୁ ଦେଖିଲେ ଆଗାମୀ ଦିନରେ ପୁଣି ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି।

ମିଳିଥିବା ସୂଚନାନୁସାରେ, କଟକ ଏସ୍‌ସିବି ମେଡିକାଲର ୪୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ ନର୍ସ, ବୁର୍ଲା ଭିମ୍‌ସାରରେ ୩୦ ଡାକ୍ତରୀ ଛାତ୍ରୀଛାତ୍ର, ୨୫ ଡାକ୍ତର ଓ ନର୍ସ, ଏମ୍ସ ଭୁବନେଶ୍ୱରର ୧୫୬ ଡାକ୍ତର, ନର୍ସ ଓ ହସ୍ପିଟାଲ କର୍ମଚାରୀ ଏବଂ କ୍ୟାପିଟାଲ ହସ୍ପିଟାଲରେ ପ୍ରାୟ ୩୦ଜଣ ଡାକ୍ତର ଓ ନର୍ସ ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ସଂସ୍ପର୍ଶରେ ଆସି ବହୁ ରୋଗୀ ମଧ୍ୟ ସଂକ୍ରମିତ ହୋଇଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ତେବେ ହସ୍ପିଟାଲ ସଂକ୍ରମଣର ହଟ୍‌ସ୍ପଟ ପାଲଟିବା ପୂର୍ବରୁ ରାଜ୍ୟ ସରକାର ଓ ହସ୍ପିଟାଲ କର୍ତ୍ତୃପକ୍ଷ ନିଜ ଆଡୁ ଚିକିତ୍ସା ସେବାରେ କଟକଣା ଲଗାଇଛନ୍ତି। ଏମ୍ସ ତା'ର ଆଉଟ୍‌ଡୋର୍ ପଞ୍ଜୀକରଣ ହ୍ରାସ କରିବା ସହ ଆଉ କେତେକ ଗାଇଡ୍‌ଲାଇନ୍ ଜାରି କରିଛି। ସେହିଭଳି ଅନ୍ୟ ସମସ୍ତ ହସ୍ପିଟାଲ ପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇ ପୁଣି ଟେଲିମେଡିସିନ ସେବା ଆରମ୍ଭ କରାଯାଇଛି। ହସ୍ପିଟାଲ ନ ଆସି ଅନ୍‌ଲାଇନ୍‌ରେ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ହସ୍ପିଟାଲରେ କରୋନା ସଂକ୍ରମଣ ରୋକିବା ପାଇଁ ଗାଇଡ୍‌ଲାଇନ୍ ଓ କଟକଣା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଏସବୁ ସତ୍ତ୍ୱେ ରାଜଧାନୀରେ ପ୍ରାଥମିକ ଚିକିତ୍ସାଳୟଠାରୁ ଆରମ୍ଭ କରି କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ସବୁଠି କରୋନା ବ୍ୟାପିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ଥିବା ୨୩ଟି ସରକାରୀ ଚିକିତ୍ସାଳୟରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ରୋଗୀ ଚିହ୍ନଟ ହେଉଥିବାବେଳେ ଖୋଦ୍ ହସ୍ପିଟାଲ କର୍ମଚାରୀ ମଧ୍ୟ କରୋନା ସଂକ୍ରମିତ ହେଉଛନ୍ତି। ଡାକ୍ତର, ନର୍ସ ଓ କର୍ମଚାରୀମାନେ ଯେତେବେଳେ ସଂକ୍ରମିତ ହେଉଛନ୍ତି ସେତେବେଳେ ଗୁରୁତର ରୋଗୀଙ୍କୁ ଚିକିତ୍ସା କରିବା କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠୁଛି।

କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ କହିଛନ୍ତି, କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଓମିକ୍ରନ୍‌ର ପ୍ରଭାବ ଦିନକୁ ଦିନ ବଢୁଛି। ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସମୟ ସମୟ ବ୍ୟବଧାନରେ ସାନିଟାଇଜେଶନ ମଧ୍ୟ କରାଯାଉଛି। ସେହିଭଳି ହସ୍ପିଟାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଉଦ୍ଦେଶ୍ୟରେ ସାହୁ କହିଛନ୍ତି, ଗୁରୁତର ଚିକିତ୍ସା ତଥା ଅତି ଆବଶ୍ୟକୀୟ ସ୍ଥଳେ ହିଁ ହସ୍ପିଟାଲ ଆସନ୍ତୁ। ସେ ପର୍ଯ୍ୟନ୍ତ ଯଥା ସମ୍ଭବ ଘରେ ରହି ଉପଚାର କରନ୍ତୁ। ଅତି ଆବଶ୍ୟକ ହେଲେ କରୋନା ନିୟମ ମାନି ଆସିବାକୁ ସେ କହିଛନ୍ତି।



ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ମକର ସଂକ୍ରାନ୍ତିରେ ପିଲାମାନେ ଗୁଡ଼ି ଉଡାଉଛନ୍ତି।

## ସମ୍ପର୍କର ମାଧ୍ୟମ ପାଲଟିଛି ବାନର ସେନା

ଗୋପ,୧୪।୧(ଡି.ଏନ୍.ଏ.)

ଦୀର୍ଘ ୩୫ ବର୍ଷ ଧରି ବ୍ଲକ ଭିତରେ ସୀମିତ ହୋଇ ନାହିଁ ପିଲାଙ୍କ ଖବରକାଗଜ ବାନର ସେନା। ଜିଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସମ୍ପର୍କର ମାଧ୍ୟମ ସୃଷ୍ଟି କରିପାରିଛି ଏହି ପତ୍ରିକା ବୋଲି ପତ୍ରିକାର ସମ୍ପାଦକ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ କହିଛନ୍ତି। ଗୋପ ବେଗୁନିଆସ୍ଥିତ ବଳରାମ ଦାସଙ୍କ ସମାଧି ପୀଠରେ ସାହିତ୍ୟ ପତ୍ରିକା ଶ୍ରୀପର୍ଣ୍ଣା ଓ ବାନର ସେନା ମିଳିତ ଆନୁକୂଲ୍ୟରେ ଶୁକ୍ରବାର ମକର ଉତ୍ସବ ପାଳନ ଅବସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ସାହିତ୍ୟ ପତ୍ରିକାର ସମ୍ପାଦକ ଉମାକାନ୍ତ ମହାପାତ୍ର, କବି ମାନସ ରଞ୍ଜନ ମହାପାତ୍ର, ବ୍ୟଙ୍ଗକବି ସତ୍ୟାନାଶ, କ୍ଷେତ୍ରବାସିନୀ ତ୍ରିପାଠୀ, ଅକ୍ଷୟ ନାୟକଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ ସାହିତ୍ୟ ଓ ପତ୍ରିକା ସହିତ କବିତାର ରୂପରେଖ ସମ୍ପର୍କରେ ମତ ରଖିଥିଲେ। ପରେ କବି ସୁଜାତା ସିହ୍ନାଙ୍କ ସଂଯୋଜନାରେ କବିତା ସଙ୍କଳନରେ କବି ସଦାଶିବ ପଣ୍ଡା, ସସ୍ମିତା ଷଡ଼ଙ୍ଗୀ, ପ୍ରଭାତ କୁମାର ସାହୁ, ହରପ୍ରିୟା ଦାସ, ବାଳକୃଷ୍ଣ ବେହେରା, ସ୍ନେହଲତା ପରିଡ଼ା, ଗୋପୀନାଥ ମୁଦିଲି କବିତା ପାଠ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବାନର ସେନା ପକ୍ଷରୁ ବ୍ୟଙ୍ଗକବି ସର୍ବଗିଳାଙ୍କୁ ସମ୍ମାନିତ କରାଯାଇଥିବାବେଳେ ଅନ୍ୟ କବିମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

## ସାକ୍ଷୀଗୋପାଳଙ୍କୁ ମକର ଚାଉଳ ଭୋଗଲାଗି

ସାକ୍ଷୀଗୋପାଳ,୧୪।୧(ଡି.ଏନ୍.ଏ.)

ସାକ୍ଷୀଗୋପାଳ ମନ୍ଦିରରେ ବର୍ଷକୁ ଥରେ ପରମ୍ପରାକ୍ରମେ ମକର ଚାଉଳ ଭୋଗ ଲାଗି କରାଯାଇଛି। ଗୁରୁବାର ମହାଲକ୍ଷ୍ମୀଙ୍କ ବାପଘରୁ ଆସିଥିବା ମକର ଭାରରେ ମନ୍ଦିର ମାଳି ସେବାୟତମାନେ ମକର ଚାଉଳ ପ୍ରସ୍ତୁତ କରିଥିଲେ । ମକରଭାର ସହିତ ଆସିଥିବା ନୂତନ ବସ୍ତ୍ର ସାକ୍ଷୀଗୋପାଳ ଓ ରାଧାରାଣୀ ପରିଧାନ କରିଥିଲେ । ମନ୍ଦିର ଚୂଡ଼ାରେ ନେତ ବନ୍ଧାଯାଇଥିଲା। ଚୂନପାଣି ପକାଯାଇ ବେଢ଼ା ଶୋଧ କରାଯିବା ପରେ ରୁପା ପିଙ୍ଗଳରେ ମକର, ସାକର, ଦଧି ଓ ନଲିପାନ ଏପରି ଚାରିବେଢ଼ା ଅନୁଷ୍ଠିତ ହୋଇଥିଲା। ଛତିତ୍ରାସ, ବାଜା, ମହୁରି, କାହାଳୀ, ଘଣ୍ଟ ବଜାଇ ଠାକୁରଙ୍କୁ ଆଳତି ଓ ଉପଚାର କରି ପୂଜାପଣ୍ଡା ବନ୍ଦପନା କରିଥିଲେ। ମକର ଭାରରେ ପ୍ରସ୍ତୁତ ମକର ଚାଉଳ ପ୍ରଥମେ ଠାକୁର ଓ ଠାକୁରାଣୀଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରାଯାଇ ବଳି ଆଟିକାରେ ନବାଙ୍କ ଚଣ୍ଡ ପ୍ରଦାନ କରାଯାଇଥିଲା । ମନ୍ଦିର ନିକଟରେ ୧୪୪ ଧାରା ଜାରି କରାଯାଇଥିବାରୁ କମ୍ ଶ୍ରଦ୍ଧାଳୁ ବିଜେ ଦାଣ୍ଡରେ ମକର ଚାଉଳ ଭୋଗ ପ୍ରସ୍ତୁତ କରି ସିଂହଦ୍ୱାର ସମ୍ମୁଖରେ ଠାକୁରଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପରେଶ



@ ଗାୟତ୍ରୀ



@ କାଳିଆ



@ ଟିଙ୍କୁ



@ ସୂର୍ଯ୍ୟକାନ୍ତ

# ସଂକୀର୍ତ୍ତନ ମଣ୍ଡଳୀ ଉପରେ ମାଡ଼ିଗଲା କାର୍

- ବୃଦ୍ଧ ମୃତ, ୬ ଗୁରୁତର
- ଘଟଣାସ୍ଥଳରେ ଉତ୍ତେଜନା

ବ୍ରହ୍ମଗିରି,୧୪।୧(ଡି.ଏନ୍.ଏ.)

ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ନୂଆଗାଁରେ ମକର ସଂକ୍ରାନ୍ତି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସଂକୀର୍ତ୍ତନ ଚାଲିଥିଲା। ଏହି ସମୟରେ ଏକ କାର୍ ଦ୍ରୁତ ଗତିରେ ଆସି ଏହି ସଂକୀର୍ତ୍ତନ ମଣ୍ଡଳୀ ଉପରେ ମାଡ଼ିଯାଇଥିଲା। ଫଳରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବାବେଳେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ଜଗନ୍ନାଥ ସାହୁ(୬୦)। ଅନ୍ୟପଟେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କାର୍‌ରେ ଥିବା ଯାତ୍ରୀଙ୍କୁ ମାର୍‌ପିଟ୍ କରିଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ କାର୍‌ରେ ଥିବା ଡ୍ରାଇଭରଙ୍କ ସମେତ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଗ୍ରାମର କେତେଜଣ ଲୋକ ଗ୍ରାମ ଭାଗବତ ଘର ସମ୍ମୁଖରେ ସଂକୀର୍ତ୍ତନ କରୁଥିଲେ। ଏହି ସମୟରେ ସାତପଡ଼ା ପଟୁ ଏକ କାର୍ (ଓଡି-୧୩ସି-୬୨୨୬) ଦ୍ରୁତ ଗତିରେ ଆସି ଏହି ସଂକୀର୍ତ୍ତନ ମଣ୍ଡଳୀ ଉପରେ ମାଡ଼ିଯାଇଥିଲା। ପରେ ନିକଟରେ ଥିବା ଏକ ବିଦ୍ୟୁତ୍‌ଖୁଣ୍ଟରେ ଧକ୍କା ହୋଇଥିଲା। ଜଗନ୍ନାଥଙ୍କ ଉପରେ ଗାଡ଼ି ମାଡ଼ିଯାଇଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିସହ ସେଠାରେ ଥିବା ପ୍ରତାପ ଚନ୍ଦ୍ର ବାରିକ, ଗଗନ ମିସ୍ତ୍ରି, ଦୁଃଖିଶ୍ୟାମ ମିସ୍ତ୍ରି, କୃଷ୍ଣଚନ୍ଦ୍ର ମିସ୍ତ୍ରିଙ୍କ ସମେତ ୬ଜଣ ଗୁରୁତର ହୋଇଛନ୍ତି। ଏପରି କି ଗାଡ଼ିରେ ଥିବା ୩ଜଣ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆସି ଗୁରୁତରଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ସମସ୍ତ ଗୁରୁତରଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୋଲିସ ଜବତ କରିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଅଭିଯୋଗ ହୋଇନାହିଁ।

# ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଡେପୁଟେଶନକୁ ବାତିଲ ଦାବି

ନିମାପଡ଼ା, ୧୪।୧(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଡେଣ୍ଡୁଅଁ ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରରେ କାର୍ଯ୍ୟରତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ(ସିଏଚ୍‌ଓ) ଲକ୍ଷ୍ମୀପ୍ରିୟା ଦାସଙ୍କୁ ଅସ୍ତରଙ୍ଗ ମେଡିକାଲକୁ ଡେପୁଟେଶନରେ ଯିବା ପାଇଁ ଆଦେଶ ହୋଇଛି। ଅଧିକାରୀ ଦାସ ଏହି ଉପକେନ୍ଦ୍ରରେ ଅଳ୍ପଦିନ ଧରି କାର୍ଯ୍ୟରେ ଯୋଗଦେଇ ଜଣେ ଦକ୍ଷ, କର୍ତ୍ତବ୍ୟ ପରାୟଣ କର୍ମଚାରୀ ଭାବେ ନିଷ୍ଠାର ସହ କାର୍ଯ୍ୟ କରିବା ସହ ପଞ୍ଚାୟତବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଲୋକଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି। ହେଲେ ଏବେ ହଠାତ୍ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦାସଙ୍କୁ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେପୁଟେଶନରେ ଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଦେଶ ହୋଇଛି। କିନ୍ତୁ ଏହି ଆଦେଶକୁ ପଞ୍ଚାୟତବାସୀ ବିରୋଧ କରିବା ସହ ଏହାକୁ ବାତିଲ କରିବାକୁ ଦାବି କରିଛନ୍ତି। ଏହି ଆଦେଶର ପୁନଃବିଚାର କରି ଅଧିକାରୀ ଦାସଙ୍କ ଡେପୁଟେଶନକୁ ବାତିଲ କରିବାକୁ ପଞ୍ଚାୟତର ଶତାଧିକ ଲୋକ ଲିଖିତ ଭାବେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଯଦି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଏଥିପ୍ରତି ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଡେଣ୍ଡୁଅଁ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପଞ୍ଚାୟତର ଭରତ ରାଉତ, ରାଜକିଶୋର ଭୋଇ, ସଂଗ୍ରାମ କେଶରୀ ଦାସ, ପୁଷ୍ପାଞ୍ଜଳି ବେହେରା, ସଂଯୁକ୍ତା ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଏ ସମ୍ପର୍କରେ ବିପିଏମ୍ ଶିବନାରାୟଣ ନନ୍ଦ କହିଛନ୍ତି, କୋଭିଡ୍ କେୟାର ସେଣ୍ଟରରେ କାର୍ଯ୍ୟ କରିବା ପାଇଁ ସିଏଚ୍‌ଓ ଦାସଙ୍କ ସାମୟିକ ଭାବେ ଡେପୁଟେଶନ ଆଦେଶ ହୋଇଛି।

# ବାବା ବଟେଶ୍ୱରଙ୍କ ମକର ମେଳା

କୋଣାର୍କ/ କାକଟପୁର, ୧୪।୧(ଡି.ଏନ୍.ଏ):



ପବିତ୍ର ମକର ସଂକ୍ରାନ୍ତି ପର୍ବ ଅବସରରେ ଶୁକ୍ରବାର ବାଲିଦୋକାନସ୍ଥିତ ବାବା ବଟେଶ୍ୱରଙ୍କ ପୀଠରେ ମକରମେଳା ପାଳିତ ହୋଇଯାଇଛି। ପ୍ରାତଃରୁ ନୀତିକାନ୍ତି କରାଯାଇଥିଲା। ଗୋଧନପଡ଼ା, ଛଡ଼ାସିହଁ, କାକରପୁଟ, ରଇତିସାହି, ଗୟଳ ଓ ଖନ୍ଦୋଳ ଗ୍ରାମର ଆରାଧ୍ୟ ଦେବ ସୁସଜ୍ଜିତ ବିମାନରେ ମହାଦେବଙ୍କ ପ୍ରାଙ୍ଗଣରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଅପରାହ୍ନରେ ମକର ମିଳନ ନୀତି କରାଯାଇଥିଲା। ମନ୍ଦିର ଚୂଡ଼ାରେ ନୂତନ ପତାକା ବନ୍ଧାଯାଇଥିଲା। ମକର ଭୋଗ ପରେ ଠାକୁରମାନେ ମନ୍ଦିର ପରିକ୍ରମା କରି ନିଜ ଆସ୍ଥାନକୁ ବିମାନରେ ଫେରିଥିଲେ। ଶ୍ରଦ୍ଧାଳୁଙ୍କୁ ମକର ଚାଉଳ ବଣ୍ଟାଯାଇଥିଲା। ମନ୍ଦିର ପରିସରରେ ମେଳା ବସିଥିଲା। ନିକଟସ୍ଥ ଦୁଇଟି ପଞ୍ଚାୟତର ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିବା ସହ ମେଳା ବୁଲିଥିଲେ। ଏହି ମକର ଉତ୍ସବକୁ ଛଡ଼ାସିହଁ ଗ୍ରାମର ବ୍ରାହ୍ମଣମାନେ ପରିଚାଳନା କରିଥିବାବେଳେ ବଟେଶ୍ୱର ଉନ୍ନୟନ କମିଟି ସହଯୋଗ କରିଥିଲା।



ମକର ସଂକ୍ରାନ୍ତିରେ ଶୁକ୍ରବାର ମହାପ୍ରଭୁଙ୍କ ପାଇଁ ପୁରୀ ଉତ୍ତରପାର୍ଶ୍ୱ ମଠରେ ଫୁଲମାଳ ଓ ଭୋଗ ପ୍ରସ୍ତୁତ କରାଯାଉଛି।



ପୁରୀ ରାଧାବଲ୍ଲଭ ମଠ ପକ୍ଷରୁ ଶୁକ୍ରବାର ମହାପ୍ରଭୁଙ୍କୁ ମକର ଚାଉଳ ଭୋଗ ଅର୍ପଣ କରାଯାଉଛି ।



ଭୁବନେଶ୍ୱର ଲଳିତ କଳା ଏକାଡେମୀ ନିକଟରେ ଶୁକ୍ରବାର ତେଲୁଗୁ ସମ୍ପ୍ରଦାୟର ମହିଳା ଓ ପିଲାମାନେ ପୋଙ୍ଗଲ ପର୍ବ ପାଳନ କରୁଛନ୍ତି।